# ୧ କିଲୋମିଟରକୁ ଘଣ୍ଟାଏ ଲାଗୁଛି

**କାଳିଆପାଣି,୭।୧୨(ଡି.ଏନ.ଏ.)**



ରାସ୍ତାରେ ଟ୍ରକ୍ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

**କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଅସମ୍ଭାଳ**
- ରାସ୍ତାରେ ଫସିଲା ସ୍କୁଲ୍ ବସ୍, ଆମ୍ବୁଲାନ୍ସ
- ହତାଶ ହେଲେ ବିଭିନ୍ନ ସ୍କୁଲ୍ ଛାତ୍ରୀଛାତ୍ର

କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଅସମ୍ଭାଳ ହୋଇ ପଡ଼ିଛି। ଏଠାରେ ଚାଲିଚାଲି, ବାଇକ୍‌ରେ ଓ କିମ୍ବା କାର୍‌ରେ ଗୋଟିଏ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ହେଲେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

ଫାଷ୍ଟକମ୍ ଫାଷ୍ଟ ଲୋଡିଂ ନିୟମ ଯୋଗୁ ଏଠାକୁ ବିଭିନ୍ନ ଖଣିକୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ପ୍ରତିଯୋଗିତା କରୁଛନ୍ତି। ଓଡ଼ିଶା ଖଣି ନିଗମ, ଇମ୍ଫା, ଟାଟାଷ୍ଟିଲ ଓ ଫେକର ବେଦାନ୍ତରେ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହେଉଥିବାରୁ ରାସ୍ତାରେ ଗହଳି ସୃଷ୍ଟି ହେଉଛି। ସୋମବାରଠାରୁ ଖଣି ଅଞ୍ଚଳରେ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମହୋଇଥିବା ବେଳେ ବୁଧବାର ଏହା ଗୁରୁତର ହୋଇଛି। ଫଳରେ କୋଲିପଶୀ ଆଡୁ ଆସୁଥିବା ଛାତ୍ରୀଛାତ୍ରଙ୍କ ସ୍କୁଲ୍ ବସ୍ ଦୁଇ ଘଣ୍ଟା ରାସ୍ତାରେ ଅଟକିଥିବା ଦେଖିବାକୁ ମିଳିଛି। ଏହି ଜାମ୍ ଭିତରେ ଆମ୍ବୁଲାନ୍ସ ବି ଫସି ରହିଥିଲା। ଦିନ ତମାମ ଟାଟାଗେଟ୍‌ଠାରୁ ଓଏମ୍‌ସି କାଳିଆପାଣି ଗେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଟ୍ରକ୍ ପାର୍କିଂ କରିଥିବାରୁ ଏହି ଅସୁବିଧା ଉପୁଜିଥିଲା। ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖାଯାଇଥିଲା। ଜାମ୍‌ରେ ସାଇକେଲରେ ଯିବା ସମ୍ଭବ ନ ଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କାଳିଆପାଣି ଖଣି ଅଞ୍ଚଳର ୧୨ଟି ଖଣିରୁ ୬ରେ ଉତ୍ତୋଳନ କାର୍ଯ୍ୟ ଚାଲିଛି। ଓଡ଼ିଶା ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣି, ସୁକୁରୁଙ୍ଗି ଖଣି, ଫେକର ବେଦାନ୍ତ କମ୍ପାନୀର ଓସ୍ତପାଳ ଓ ଭୀମଟାଙ୍ଗର ଖଣି ଏବଂ ଇମ୍ଫା କମ୍ପାନୀକୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକର ସିରିଏଲ୍ ପାଇଁ ଚାଳକ ଟମକା-ମଙ୍ଗଳପୁର ରାସ୍ତା ଉପରେ ଗାଡ଼ି ଠିଆ କରି ରଖୁଛନ୍ତି। କଅଁସର କୋଲିପଶୀରେ ଓଡ଼ିଶା ଖଣି ନିଗମ ପାର୍କିଂ ବ୍ୟବସ୍ଥା କରିଛି। ହେଲେ ଖଣିରେ ଭର୍ତ୍ତି ସମୟର ବହୁ ପୂର୍ବରୁ ଟ୍ରକ୍‌ଗୁଡ଼ିକ ରାସ୍ତା ଉପରେ ବେଆଇନ ଭାବେ ଠିଆ କରି ରଖୁଛନ୍ତି। କମ୍ପାନୀର ସିକ୍ୟୁରିଟି ମନଇଚ୍ଛା ସିରିଏଲ୍ ଲେଖୁଥିବାରୁ ରାସ୍ତାରେ ଟ୍ରକ୍ ଜାମ ହୋଇ ରହୁଛି। ଏପଟେ ଦକ୍ଷିଣ କାଳିଆପାଣି ଖଣି ଗେଟ୍ ସମ୍ମୁଖରେ ୧୦, ୧୨ ଓ ୧୪ ଚକିଆ ଟ୍ରକ୍ ଏଣ୍ଟ୍ରି ଗେଟଥିବାବେଳେ ବିପରୀତ ଦିଗରେ ଇମ୍ଫା, ଟାଟାର ଏଣ୍ଟ୍ରି ଗେଟ୍ ରହିଛି। ଫଳରେ ରାସ୍ତାର ଉଭୟ ପଟରେ ୬ କିଲୋମିଟର ବ୍ୟାପୀ ଟ୍ରକ୍ ଲାଇନ ଲାଗି ରହୁଛି। ଅଣଓସାରିଆ ରାସ୍ତାରେ ଯିବାଆସିବା ସମ୍ଭବ ହୋଇପାରୁନାହିଁ। ସେହିପରି ଫେକର ବେଦାନ୍ତ କମ୍ପାନୀର ଓସ୍ତପାଳ ଖଣିରୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ଖଣି ନିକଟରୁ ଇମ୍ଫା ଖଣି ପର୍ଯ୍ୟନ୍ତ ଜାମ କରି ସିରିଏଲ କରୁଛନ୍ତି। ଏପଟେ ଇମ୍ଫା କମ୍ପାନୀ ଟ୍ରକ୍ ସିରିଏଲ କରୁଥିବାରୁ ସମାନ ପରିମାଣ ରାସ୍ତା ଜାମ ହେଉଛି। ଗତ ସୋମବାର ଓ ମଙ୍ଗଳବାର ରାସ୍ତା ଜାମ ହେବାରୁ ଓଡ଼ିଶା ଖଣି ନିଗମ କାଳିଆପାଣି ହାଇସ୍କୁଲ, ଷ୍ଟିୱାଟ ସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍କୁଲ୍ ଛାତ୍ରୀଛାତ୍ର ୨ ଘଣ୍ଟା ଜାମରେ ଫସି ରହିଥିଲେ। ଖଣି କର୍ମଚାରୀମାନେ ଚାଲିଚାଲି ଯାଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପରେ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ସମସ୍ୟାରେ ସୁଧାର ଆସୁ ନ ଥିବାରୁ ଖଣି ଅଞ୍ଚଳର ଅଭିଭାବକ ଓ ସାଧାରଣରେ ଅସନ୍ତୋଷ ତୀବ୍ର ହୋଇଛି। କାଳିଆପାଣି ପୋଲିସ ଟ୍ରାଫିକ୍ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବାରୁ ଆଗକୁ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି, ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଯୋଗୁ ଏଠାକୁ ଅଧିକ ଗାଡ଼ି ଆସୁଛି। ମାତ୍ର ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗାଡ଼ିଗୁଡ଼ିକ ରାସ୍ତାରେ ଛିଡ଼ା ହେଉଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତେଣୁ ସବୁ କମ୍ପାନୀ ପାର୍କିଂୟାର୍ଡ କଲେ ଏହି ସମସ୍ୟାର ସମାଧାନ ହୋଇପାରିବ।

## ସଂକ୍ଷେପରେ

### ଶିଳ୍ପାଞ୍ଚଳରେ ଶ୍ରମିକ ଆନ୍ଦୋଳନ ତେଜିଲା

**କଳିଙ୍ଗନଗର,୭।୧୨(ଡି.ଏନ.ଏ.):** କଳିଙ୍ଗନଗର ନୀଳାଚଳ କାରଖାନାରେ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି। ବୁଧବାର କଳିଙ୍ଗନଗର ମଜଦୁର ୟୁନିୟନ ଠିକା ଶ୍ରମିକ ପ୍ରତିନିଧି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଏ ସଂକ୍ରାନ୍ତୀୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୨ରେ ନୀଳାଚଳ ଇସ୍ପାତକୁ ଟାଟା ଲଙ୍ଗ୍ସ ପ୍ରଡକ୍ଟ କିଣିବା ପରେ ସ୍ଥାୟୀ କର୍ମଚାରୀଙ୍କୁ ବାକିଆ ପାଉଣା ମିଳିଲା। କିନ୍ତୁ ଠିକା କର୍ମଚାରୀଙ୍କ କଥା ବୁଝାଯାଇ ନ ଥିଲା। ତେଣୁ ଠିକା କର୍ମଚାରୀ ବହୁବାର ଦାବିପତ୍ର ଦେଇ ଶେଷରେ ୧୪ ଜୁଲାଇରେ ଆନ୍ଦୋଳନ କରିଥିଲେ। ସମାଧାନ କଥା କହି ଜିଲା ପ୍ରଶାସନ ଆନ୍ଦୋଳନକୁ ସ୍ଥଗିତ କରାଇଥିଲେ। ଅଗଷ୍ଟ ୫ରେ ଜେଡିସିଏଲ ଅଡିଟୋରିୟମରେ ଆଲୋଚନା ହୋଇଥିଲା। ଏଥିରେ ସଙ୍ଗଠନର ମୁଖ୍ୟ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଅତିରିକ୍ତ ଜିଲାପାଳ କଳିଙ୍ଗନଗର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କଳିଙ୍ଗନଗର, ଯଖପୁରା ଥାନାଧିକାରୀ, ୟୁନିଅନର ପ୍ରତିନିଧି ଏବଂ ଟାଟା ଲଙ୍ଗ୍ସର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନିଷ୍ପତ୍ତି ହୋଇଥିଲା ଆବଶ୍ୟକ ଅନୁଯାୟୀ ପୁରୁଣା ଠିକା କର୍ମଚାରୀଙ୍କୁ ସ୍ଥାଇ ନିଯୁକ୍ତି ଦିଆଯିବ। ସମସ୍ତ ଠିକା କର୍ମଚାରୀଙ୍କୁ ତୁରନ୍ତ କାରଖାନା ଚାଲିବା ପୂର୍ବରୁ ନିଯୁକ୍ତି ଦିଆଯିବ ଓ ଯାହା ଦରମା ପାଉଥିଲେ ତାଠୁ ଅଧିକ ଦରମା ଦିଆଯିବ। ୩ ମାସର ଦରମା ଓ ୨ ବର୍ଷର ବୋନସ ତୁରନ୍ତ ପ୍ରଦାନ କରାଯିବ। କିନ୍ତୁ ନିଷ୍ପତ୍ତିର ୪ ମାସ ବିତି ଯାଇଛି। କିନ୍ତୁ ଠିକା କର୍ମଚାରୀ ନିଯୁକ୍ତି ପାଇପାରିନାହାନ୍ତି। ଯେତିକି ବି କାମ ପାଇଛନ୍ତି ସେମାନେ କାମ ଛାଡ଼ିଦେଉଛନ୍ତି। କାରଣ ୩୭୦ ଟଙ୍କା ଦରମା ସେମାନେ ପାଉଛନ୍ତି। ତେଣୁ ଠିକା କର୍ମଚାରୀ ସଂଘ ପୁନର୍ବାର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁ, ସଭାପତି ବିଭୁତି ଭୂଷଣ ଜେନାଙ୍କ ନେତୃତ୍ୱରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ୭ ଦିନ ମଧ୍ୟରେ ଏହାର ଯଦି ସ୍ଥାୟୀ ସମାଧାନ କରାନଯାଏ ତେବେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ସୂଚନା ଦେଇଛନ୍ତି।

### ଆମ୍ବେଡକରଙ୍କ ଶ୍ରାଦ୍ଧବାର୍ଷିକୀ

**କୋରେଇ,୭।୧୨(ସ୍ୱ.ପ୍ର.):** ଡ. ବି. ଆର୍. ଆମ୍ବେଡକର ଥିଲେ ଦଳିତ, ନିଷ୍ପେସିତଙ୍କ ସ୍ୱର। ତାଙ୍କ ଲିଖିତ ସମ୍ବିଧାନ ଥିଲା ଭାରତୀୟଙ୍କ ପାଇଁ ଏକ ଦୁର୍ଲଭ ଉପହାର ଓ ଏକ ପବିତ୍ର ଗ୍ରନ୍ଥ। କୋରେଇ ବ୍ଲକ ନୂଆଗଡ଼ ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ କଳିଙ୍ଗନଗର, ଯାଜପୁର ରୋଡ୍ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏହି ମତ ପ୍ରକାଶ କରିଛନ୍ତି। ବ୍ୟାସନଗର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ବାବୁଲାଲ ଗୁରୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ କୋରେଇ ବ୍ଲକ୍ ପୂର୍ବତନ ଅଧକ୍ଷ ଭିକାରି ବରାଳ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ବରିଷ୍ଠ ନାଗରିକ ଗିରିଧାରୀ ବାରିକ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରସାଦ ଦାଶ, ମନ୍ମଥ କୁମାର ନାୟକ, ଖବରଦାତା ପବିତ୍ର ମୋହନ ରାଉତ ରାୟ, ପୀତବାସ ଭୂୟାଁ ଓ ସାମାଜିକ କର୍ମୀ ଅର୍ଜୁନ ଚରଣ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ବିଶ୍ୱନାଥ ଗୁରୁ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାନ୍ତ୍ରିକ ସଂଘର ଦାବିପତ୍ର




**ଯାଜପୁର ଟାଉନ,୭।୧୨(ଡି.ଏନ.ଏ.)**

ଯାଜପୁର ସହରାଞ୍ଚଳ ଜଳଯୋଗାଣ ବିଭାଗ ଓ ପାନୀୟ ଜଳ ବିଭାଗର ଅସ୍ଥାୟୀ କର୍ମଚାରୀ ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସମ୍ପାଦକ ଶ୍ରୀବସ୍ତ ବେହୁରା ଓ ଯାଜପୁର ସମ୍ପାଦକ ବିଷ୍ଣୁଚରଣ ନାୟକଙ୍କ ଅଧକ୍ଷତାରେ ଗାନ୍ଧୀ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳ ଅକ୍ଷୟ ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାରେ ସରକାର ଅଣଦେଖା କରିଥିବାବେଳେ ବର୍ତ୍ତମାନ ସମୟରେ ଅସ୍ଥାୟୀ ଚାକିରିରେ ପରିବାର ଚଳାଇବା ସମ୍ଭବ ହେଉନାହିଁ। ତେଣୁ ୱାର୍କ ଚାର୍ଜ କର୍ମଚାରୀଙ୍କୁ ରେଗୁଲାର, ପୁରୁଣା ପେନସନ୍ ଲାଗୁ, ଆଉଟ୍ ସୋର୍ସିଂ ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ପର୍ଶୁରାମ ରାଉତ, ଜୟନ୍ତ ରାଉତ, ଅଭିମନ୍ୟୁ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ବିଦ୍ୟାଧର ସାହୁ, ଦୁଃଖବନ୍ଧୁ ପୁହାଣ, ରମେଶ ନନ୍ଦ, ଅବଦୁଲ ୱାହାବ୍ ଓ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ପୃଥକ୍ ଅଗ୍ନିକାଣ୍ଡ, ବ୍ୟାପକ କ୍ଷୟକ୍ଷତି

**ଯାଜପୁର ଅଫିସ,୭।୧୨**

**୪ ମାସର ଝିଅଙ୍କୁ ଉଦ୍ଧାର କଲେ ପଡ଼ୋଶୀ**




ଯାଜପୁର ଟାଉନ୍ ମେଡିକାଲ ଛକଠାରେ ଥିବା ରୁଚିକା ହୋଟେଲ୍‌ରେ ନିଆଁ ଲାଗିଛି।

ଯାଜପୁର ଜିଲା ସଦର ମହକୁମା ଏବଂ ସୁକିନ୍ଦା ଥାନା ନିକଟସ୍ଥ ହରିଜନ ସାହିରେ ବୁଧବାର ଅପରାହ୍ନରେ ପୃଥକ୍ ୨ଟି ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଯାଜପୁର ଟାଉନ୍ ମେଡିକାଲ ଛକ ଠାରେ ଥିବା ରୁଚିକା ହୋଟେଲ୍‌ରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ହୋଟେଲ୍‌ରେ ରୋଷେଇ ଚାଲୁଥିବାବେଳେ ହଠାତ୍ ନିଆଁ ଲାଗିଥିଲା। ଅଗ୍ନିନିରାପତ୍ତା ବ୍ୟବସ୍ଥା ନ ଥିବାରୁ ନିଆଁ ବ୍ୟାପି ଯାଇଥିଲା। ଗ୍ୟାସ୍ ଲିକ୍ ଯୋଗୁ ନିଆଁ ଲାଗିଥିବା କୁହାଯାଉଥିବାବେଳେ ହୋଟେଲ୍ କର୍ମଚାରୀ ରୋଷେଇ ଘର ପାଖ ଦେଇ ଯାଇଥିବା ବିଦ୍ୟୁତ୍ ତାର ଯୋଗୁ ସର୍ଟସର୍କିଟ୍ ଲାଗି ଅଗ୍ନିକାଣ୍ଡ ଘଟିଛି ବୋଲି କହିଛନ୍ତି। ସ୍ଥାନୀୟ ବ୍ୟବସାୟୀ ନିଆଁ ଆୟତ୍ତ ପାଇଁ ଉଦ୍ୟମ କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ୩ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଦ୍ୱାରା ଅନେକ ସରଞ୍ଜାମ ପତ୍ର ସହ କମ୍ପ୍ୟୁଟର, ଏ.ସି., ଫ୍ରିଜ୍, ରନ୍ଧା ଖାଦ୍ୟ ପୋଡି ପାଉଁଶ ହୋଇଯାଇଛି। କର୍ମଚାରୀ ବାହାରକୁ ବାହାରି ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୁକିନ୍ଦା ହରିଜନ ସାହିରେ ଅଗ୍ନିକାଣ୍ଡରେ ଦୁଇ ଘର ଓ ଗୃହ ସଂଲଗ୍ନ ଏକ ଗୁହାଳ ପୋଡି ଯାଇଛି । ଉକ୍ତ ଘରେ ବସନ୍ତ ନାୟକଙ୍କ ବଡ ପୁଅ ଦେବାନନ୍ଦ ନାୟକ ସ୍ତ୍ରୀ ଏବଂ ୪ ମାସର ଝିଅ ସହ ରହୁଥିଲେ। କୌଣସି କାରଣରୁ ଅଗ୍ନିକାଣ୍ଡ ସମୟରେ ଘରେ ଛୋଟ ଝିଅଟି ଶୋଇଥିଲେ। ତାଙ୍କ ମା'ନିକଟରେ ଥିବା ଏକ କୂଅକୁ ପାଣି ପାଇଁ ଯାଇଥିଲେ। ସାହି ଲୋକ ନିଆଁ ଆୟତ୍ତ କରିବା ସହିତ ଝିଅକୁ ଉଦ୍ଧାର କରିଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ଆସବାବପତ୍ର, ଚାଉଳ ବସ୍ତା ଏବଂ ଗହମ ଆଦି ସବୁ ପୋଡି ଯାଇଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବାଇଧର ଯତି ଏବଂ ସହକାରୀ ବାବାଜୀ ଚରଣ ବାରିକ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରି ଫେରିଆସିଥିବା ଜଣାପଡିଛି। ତହସିଲ ଅଫିସ ପକ୍ଷରୁ ଏକ ଜରିପାଲର ବ୍ୟବସ୍ଥା କରାଯାଇଥିବା ବେଳେ ଆନ୍ୟ ସହାୟତା ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି । ଭାଜପା ନେତା ଯାତ୍ରାକର ଜେନା, ରମଣୀ ରଞ୍ଜନ ବଳସାମନ୍ତ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସହାୟତା ପ୍ରଦାନ କରିଥିବାବେଳେ ବିଜେଡି ପକ୍ଷରୁ ବ୍ଲକ ଅଧକ୍ଷ ଦିବ୍ୟ ରଞ୍ଜନ ବରାଳ, ସରପଞ୍ଚ ସ୍ୱାଧୀନଦାସ, ୩୯ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ବିଜେଡି ପଞ୍ଚାୟତ ସଭାପତି ବିଶ୍ୱଜିତ ବେହୁରା ପ୍ରମୁଖ ସହାୟତା ପ୍ରଦାନ କରିଥିବା ଜଣାପଡିଛି।

## ମୁଖ୍ୟ କିରାଣିଙ୍କ ଉପରେ ହାତ ଉଠାଇଲେ କନିଷ୍ଠ ଯନ୍ତ୍ରୀ

**ବରୀ,୭।୧୨ (ଡି.ଏନ.ଏ.)**

ଦୀର୍ଘ ଦିନ ଧରି ବରୀ ବ୍ଲକରେ ନିଜର ଦବଦବା ଜାହିର କରିଥିବା ଜଣେ କନିଷ୍ଠ ଯନ୍ତ୍ରୀ ବୁଧବାର ଏହି ବ୍ଲକର ମୁଖ୍ୟ କିରାଣିଙ୍କୁ ମାଡ଼ ମାରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଉକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ରାଜନୈତିକ ଛତ୍ର ଛାୟା ତଳେ ରହି ବ୍ଲକ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଛନ୍ତି। ବିଭିନ୍ନ ସମୟରେ ତାଙ୍କ ବିଷୟରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ଯୋଗୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଧମକ ଚମକ ଦେବା ଘଟଣା ତାଙ୍କୁ ଅଡୁଆରେ ପକାଇଥିଲା। ତେବେ କେବଳ ମୁଖ୍ୟ କିରାଣି ନୁହେଁ ଏହି ବ୍ଲକର ବିଭିନ୍ନ ବିଭାଗ କର୍ମଚାରୀଙ୍କୁ ସମ୍ପୃକ୍ତ ଯନ୍ତ୍ରୀ ଦୁର୍ବ୍ୟବହାର କରୁଛନ୍ତି। ତେବେ ବିଡିଓ କିଭଳି ଭାବରେ ବିଭିନ୍ନ ସମୟରେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡାଉଛନ୍ତି ତାହା ସାଧାରଣରେ ଆଲୋଚନା ହେଉଛି। ସୂଚନା ମୁତାବକ, ବ୍ଲକ କାର୍ଯ୍ୟାଳୟ ପାଇଁ ବିଭିନ୍ନ ସାମଗ୍ରୀ କିଣାଯିବା ପରେ ଉକ୍ତ ସାମଗ୍ରୀ ନିମ୍ନମାନର ହୋଇଥିବା ଘଟଣାକୁ ନେଇ ମୁଖ୍ୟ କିରାଣି ଓ କ୍ରୟ କରିଥିବା କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ହାତାହାତି ହୋଇଥିବା ଜଣାପଡ଼ିଛି। ତେବେ ବିଡିଓ ଛୁଟିରେ ଥିଲେ ମଧ୍ୟ ସେ ଆସି ଏହାର ଆପୋସ ସମାଧାନ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ଚିନ୍ମୟ ଦାସଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ କୋର୍ଟଚାଲାଣ

**ରସୁଲପୁର,୭।୧୨ (ଡି.ଏନ.ଏ.)**

ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କୁଆଖିଆ ଥାନା ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମର ସୁଧୀର ମଲିକଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ୧ ଅକ୍ଟୋବର, ୨୦୨୨ ରାତିରେ ଥାନା ଅଞ୍ଚଳର ଜଣେ ମହିଳା ବାହାରକୁ ଉଠିଥିଲାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଫଳରେ ମହିଳା ଜଣକ ଚିତ୍କାର କରିଥିଲେ। ତାଙ୍କ ପାଟିଶୁଣି ପରିବାର ଲୋକେ ଆସୁଥିବା ଜାଣି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ୧୦ ଅକ୍ଟୋବରରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୧୩/୨୨ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କାବୁ ପାଇଁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଘଟଣା ପ୍ରଘଟ କଲେ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ ବୋଲି ମହିଳା ଅଭିଯୋଗରେ ଦର୍ଶାଇଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଯାତ୍ରା

**ଯାଜପୁର ଟାଉନ, ୭।୧୨ (ଡି.ଏନ.ଏ.)**

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ସହରରେ ଶୌର୍ଯ୍ୟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଯାଜପୁର ସହର ପରିକ୍ରମା କରିବା ପରେ ଏକ ସାଧାରଣସଭା ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଭ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତଃ ସମ୍ପାଦକ ମହେଶ ସାହୁ ଯୋଗଦେଇ ଶୌର୍ଯ୍ୟ ଯାତ୍ରା ଉଦ୍ଦେଶ୍ୟର ବିଷୟ ବର୍ଣ୍ଣନା କରିଥିଲେ। ବଜରଙ୍ଗ ଦଳର ଜିଲା ସଂଯୋଜକ ଚନ୍ଦ୍ରକାନ୍ତ କର ଓ ଜିଲା ଗୋରକ୍ଷା ସଂଯୋଜକ ମୃତ୍ୟୁଞ୍ଜୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ କ୍ଷେତ୍ରୀୟ ସଂଯୋଜକ ଅମର ଚକ୍ରବର୍ତ୍ତୀ, ପ୍ରାନ୍ତଃ ସଂଯୋଜକ ଅମ୍ବିକା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗ ସାମାଜିକ ସମର ସଭା ପ୍ରମୁଖ ଅରବିନ୍ଦ ଦାସ, ବିଭାଗ ସଂଯୋଜକ ଚିନ୍ମୟ ମିଶ୍ର, ପ୍ରାନ୍ତଃ ବିଦ୍ୟାର୍ଥୀ ବଜରଙ୍ଗ ଦଳ ପ୍ରମୁଖ ପ୍ରଭାତ ତ୍ରିପାଠୀଙ୍କ ସମେତ ଜିଲା ଅଧୀନ ସମସ୍ତ ବ୍ଲକ୍‌ର ପଦାଧିକାରୀ ଉପସ୍ଥିତ ଥିଲେ।




ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଯାଜପୁରରେ ବିଶ୍ୱ ମୃତ୍ତିକା ଦିବସ

**ଯାଜପୁର ଟାଉନ,୭।୧୨(ଡି.ଏନ.ଏ.)**

ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ବିଶ୍ୱ ମୃତ୍ତିକା ଦିବସ' ପାଳିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଟିକୁ ମା' ସହ ତୁଳନା କରିବା ସହିତ ଏହାର ଯତ୍ନ ନେବାପାଇଁ ଉପସ୍ଥିତ ଚାଷୀଙ୍କୁ ଉପଦେଶ ଦେଇଥିଲେ। ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରର ପ୍ରୋଜେକ୍ଟ କୋଅର୍ଡିନେଟର ସୁନୀଲ ମହାପାତ୍ର ଜୈବିକ କୃଷି ଓ ପ୍ରାକୃତିକ କୃଷି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କୃଷି ଅଧିକାର ବେହୁରା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୪ ବ୍ଲକ୍‌ର ୨୨ ଚାଷୀ ଏବଂ ୬ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚାଷୀଙ୍କ ମଧ୍ୟରୁ ଯାଜପୁର ବ୍ଲକ୍‌ର ୧୦, ଦଶରଥପୁର ୪, ରସୁଲପୁର ୪ ଓ କୋରେଇ ବ୍ଲକ୍‌ର ୪ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଜୁନିୟର ଓ ସିନିୟର ବର୍ଗରେ ଜିଲା ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାର ୬ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ କୃଷି ଅଧିକାରୀ।

# ନୂତନ ବିଦ୍ୟୁତ୍ ସଂଯୋଗ ମିଳିପାରୁନାହିଁ

**ରସୁଲପୁର,୭।୧୨(ଡି.ଏନ୍.ଏ.)**

- ଉପଭୋକ୍ତାଙ୍କୁ ହଇରାଣ କରୁଛି ଟାଟା ପାୱାର
- ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି

କୁଆଖିଆ ବିଦ୍ୟୁତ୍ ଡିଭିଜନ ଅଧୀନ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ମୌଜାରେ ବ୍ୟବସାୟିକ କାର୍ଯ୍ୟ ପାଇଁ ବିଦ୍ୟୁତ୍ ସଂଯୋଗ ନେବାକୁ ଚାହୁଁଥିବା ଆବେଦନକାରୀଙ୍କୁ ମିଳୁପାରୁନାହିଁ ନୂତନ ସଂଯୋଗ। ଏ କ୍ଷେତ୍ରରେ ହଇରାଣ କରୁଛି ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଟାଟା ପାୱାର। କୁଆଖିଆ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁବୋଧ କୁମାର ସାହୁ ଏହି ମୌଜାସ୍ଥିତ ଘରବାରି ଜମି ପ୍ଲଟ ନଂ.୧୬୮୧/୩୪୯୧କୁ ବିଦ୍ୟୁତ୍ ସଂଯୋଗ ନେବାକୁ ୪ମାସ ହେଲା ଆବେଦନ କରିଆସୁଛନ୍ତି। ମାତ୍ର କମ୍ପାନୀ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ତାଙ୍କୁ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ କରାଯାଉଛି। ଏ ନେଇ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଦୌଡ଼ି କରିବାକୁ ପଡୁଛି। ସଂଯୋଗ ପାଇଁ ନାନା କାଗଜାତ ଯୋଗାଡ଼ କରିବାକୁ କହି ଟାଟା ପାୱାର ଦିନ ପରେ ଦିନ ଗଡ଼ାଉଛି ବୋଲି ବ୍ୟବସାୟୀ ସାହୁ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବିଦ୍ୟୁତ୍ ବିଭାଗ ୫-ଟି ଅଧୀନରେ ପରିଚାଳିତ ହେଉଛି। ମାତ୍ର ଟାଟା ପାୱାର୍ ପକ୍ଷରୁ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ, ବିଲ୍ ଆଦାୟ, ମରାମତି, ଟ୍ରାନ୍ସଫର୍ମର ସ୍ଥାପନ, ସାଧାରଣ ସଂଯୋଗଠାରୁ ଅଧିକ ଦୂରରେ ଅବସ୍ଥିତ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ପାଇଁ ଉଦ୍ଦିଷ୍ଟ ନିୟମକୁ ଉଲ୍ଲଂଘନ କରାଯାଉଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ପ୍ଲଟ୍‌କୁ ବିଦ୍ୟୁତ୍ ସଂଯୋଗ ଦୂରତା ୩୦ ମିଟରରୁ ଅଧିକ ରହିଛି। ତେବେ ସଂଯୋଗ ସକାଶେ ଏକ ଖୁଣ୍ଟର ଆବଶ୍ୟକତା ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏ ନେଇ ଆବେଦନକାରୀ ୮ ସେପ୍ଟେମ୍ବର, ୨୦୨୨ରେ ଆବେଦନ କରିବା ସହ ଗୋଟିଏ ଖୁଣ୍ଟ ସ୍ଥାପନ ପାଇଁ ୮ ହଜାର ଟଙ୍କା ଦାଖଲ କରିସାରିଛନ୍ତି। ମାତ୍ର ଫାଇଲ ଅନୁମୋଦନ ଆଳରେ ବିଭାଗ ପକ୍ଷରୁ ମାମଲାକୁ ଗଡ଼ାଇ ଦିଆଯାଉଛି। ବ୍ୟବସାୟୀ ତାଙ୍କ ପ୍ଲଟ୍‌ରେ ଏକ ଘର ନିର୍ମାଣ କରିସାରିଲେଣି। ଉକ୍ତ ଘରଠାରୁ ବିଦ୍ୟୁତ୍ ଖୁଣ୍ଟ ଦୂରତା ୩୦ ମିଟର ଭିତରେ ଆସୁଛି। ଏଭଳି ସ୍ଥିତିରେ ସାଧାରଣ ସଂଯୋଗ ୭ଦିନ ମଧ୍ୟରେ ଦିଆଯାଇପାରିବ। ମାତ୍ର ଏହାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ବ୍ୟବସାୟୀଙ୍କ ପକ୍ଷରୁ ଟାଟା ପାୱାରର କୁଆଖିଆ ସବ୍‌ଡିଭିଜନ ଅଧିକାରୀ ସିତାଂଶୁ ଶତପଥୀଙ୍କୁ ଅବଗତ କରାଯାଇଥିଲା। ମାତ୍ର ପୂର୍ବ ଆବେଦନ ଅନୁସାରେ ସଂଯୋଗ ଦିଆଯିବ। ନୂତନ ଘରକୁ ଦେଖାଇ ସଂଯୋଗ ଦିଆଯାଇ ପାରିବ ନାହିଁ ବୋଲି ଅଧିକାରୀ ରୋକଠୋକ୍ ମନା କରିଦେଇଥିଲେ। ତେବେ ବିଦ୍ୟୁତ୍ ସଂଯୋଗରେ ଅହେତୁକ ବିଳମ୍ବ କରାଯାଉଥିବାରୁ ବ୍ୟବସାୟୀଙ୍କୁ ଘର ନିର୍ମାଣ ଦିଗରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବିଦ୍ୟୁତ୍ ଅଫିସକୁ ବାରମ୍ବାର ଦୌଡ଼ାଦୌଡ଼ି କରିବାରେ ଅଯଥା ସମୟ ଓ ଅର୍ଥ ଅପଚୟ କରିବାକୁ ପଡୁଛି। ବିଭାଗର ଏତାଦୃଶ ଆଚରଣରେ ନିରାଶ ହୋଇ ବ୍ୟବସାୟୀ ଏକ ଅସ୍ଥାୟୀ ସଂଯୋଗ ଦେବାକୁ ବିଭାଗକୁ ନିବେଦନ କରିଆସୁଛନ୍ତି। ଏହାକୁ ଦେବା ପାଇଁ ମଧ୍ୟ ବିଭାଗ ଦିନପରେ ଦିନ ଗଡ଼ାଇ ଚାଲିଛି। ବିଭାଗ ପକ୍ଷରୁ ପ୍ରୋସେସିଂ ଚାଲିଛି, ନୂଆ ନିୟମ ଲାଗିଛି, ଉପରକୁ ଫାଇଲ ଯାଇଛି, ସପ୍ତାହେ ଛାଡ଼ି ଆସ ଭଳି ଅନେକ ବାହାନା କରାଯାଉଛି ବୋଲି ବ୍ୟବସାୟୀ ସାହୁ ଅଭିଯାଗ କରିଛନ୍ତି। ତେବେ କେବଳ ସାହୁ ନୁହନ୍ତି, ଅନେକ ଲୋକ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ମିଳିଛି। ତେଣୁ ଏ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କୁଆଖିଆ ସବ୍‌ଡିଭିଜନ ଅଧିକାରୀ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ବ୍ୟବସାୟୀଙ୍କ ପ୍ଲଟକୁ ବିଦ୍ୟୁତ୍ ସଂଯୋଗ ପାଇଁ ଏକ ଖୁଣ୍ଟର ଆବଶ୍ୟକତା ରହିଛି। ସେ ମଧ୍ୟ ଏଥିପାଇଁ ଆବଶ୍ୟକ ଅର୍ଥ ଦାଖଲ କରିସାରିଛନ୍ତି। ତେଣୁ ୩ମାସ ଭିତରେ ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ।

## ସଂକ୍ଷେପରେ

### ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ କର୍ମଶାଳା



ବାଲିକୁଦା,୭।୧୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଜିଲା ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଷକଣା, ଅନନ୍ତପୁର, କୁଷୁପୁର ଓ ଅପଣ୍ଡରା ପଞ୍ଚାୟତର ଶିଶୁ ସୁରକ୍ଷା କମିଟି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଜିଲା ଶିଶୁ ସୁରକ୍ଷା କମିଟି ଆନୁକୂଲ୍ୟରେ ଆୟୋଜିତ ଦିନିକିଆ କର୍ମଶାଳା ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ପରାମର୍ଶଦାତା ସୁଶାନ୍ତ ମହାନ୍ତି, ଚାଇଲ୍ଡ ଲାଇନ୍ ସଂଯୋଜକ ନରେଶ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଜିର ସମାଜରେ ଶିଶୁମାନଙ୍କ ସୁରକ୍ଷା ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ତରୁଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିଶୁମାନଙ୍କ ଅଧିକାର, ବାଲ୍ୟବିବାହ ନିରୋଧ ଆଇନ, ଶିଶୁଶ୍ରମିକ ନିରୋଧ ଆଇନ ଓ ସର୍ବପରି ଶିଶୁମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନାଠାରୁ ଦୂରେଇ ରଖାଯିବା, ଶିଶୁମାନଙ୍କ ପ୍ରତି ନିର୍ଯାତନା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଶିଶୁ ସୁରକ୍ଷା ଅଧିକାରୀ ରାଉତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

### ଟେଲିଫୋନ୍ ଉପଭୋକ୍ତା ସଚେତନତା

ଜଗତ୍‌ସିଂହପୁର ଅଫିସ,୭।୧୨ : ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭା କକ୍ଷରେ ଟ୍ରାଇ ସହଯୋଗରେ ଟେଲିଫୋନ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେଲିଫୋନ ସେବା ପ୍ରଦାନକାରୀ ସଂସ୍ଥା ଯଥା ବିଏସ୍‌ଏନ୍‌ଏଲ, ଏୟାରଟେଲ, ଜିଓ ରିଲିୟାନ୍ସ ଏବଂ ଭୋଡା-ଆଇଡିଆ ଆଞ୍ଚଳିକ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୁଧାଂଶୁ ମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଟ୍ରାଇର ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ତମମାନର ଗୁଣାତ୍ମକ ସେବା କିପରି ଦିଆଯାଇ ପାରିବ ସେ ସମ୍ପର୍କରେ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡିକର ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ପରିବର୍ତ୍ତନ ସଂସ୍ଥାର ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ଟ୍ରାଇ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସେମାନଙ୍କ ଅଞ୍ଚଳରେ କିପରି ଅସୁବିଧା ହେଉଛି ସେ ସମ୍ପର୍କରେ ଉପଭୋକ୍ତାମାନେ ଅଭିଯୋଗ କରିଥିଲେ। ତେବେ ଗ୍ରାହକମାନଙ୍କ ନାନା ଅସୁବିଧା ଦୂର ପାଇଁ କମ୍ପାନୀଗୁଡିକ ଦାୟିତ୍ୱବାନ ହେବେ ବୋଲି ମତ ରଖିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାରେ ଥିବା ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏୟାରଟେଲ ପକ୍ଷରୁ ନିତ୍ୟାନନ୍ଦ ରାଉତ, ଜିଓ ରିଲିୟାନ୍ସର ଚନ୍ଦ୍ରକାନ୍ତ ପଣ୍ଡା, ବିଏସ୍‌ଏନ୍‌ଏଲର ଏସଡିଓ ପ୍ରଣାବ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

ରାଜନଗର, ୭।୧୨(ଡି.ଏନ.ଏ.)

ଟଙ୍କାଟିଏର କାମ ନ କରି ସମ୍ପୂର୍ଣ୍ଣ ଅର୍ଥକୁ ଫଲ୍‌ସ ବିଲ କରି ଲୁଟି ନିଆଗଲା। ୬ ପ୍ରକଳ୍ପ ଆଳରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚଳୁ କରି ଦିଆଯାଇଛି। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ବୁଧବାର ୪ଜଣିଆ ଟିମ୍ ପ୍ରକଳ୍ପ ନିର୍ମାଣ ହୋଇଥିବା ନେଇ ଦର୍ଶାଯାଇଥିବା ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକଳ୍ପ ସ୍ଥଳରେ କୋଦାଳ ଦାଗ ବାଜି ନ ଥିବା ବେଳେ କିପରି ବିଲ ହେଲା ଓ ସରକାରୀ ଟଙ୍କା ଉଠାଇ ନିଆଗଲା, ତାହା ତଦନ୍ତକାରୀ ଟିମ୍‌କୁ ଆଶ୍ଚର୍ଯ୍ୟ କରିଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତରେ ସରକାରୀ ଟଙ୍କାକୁ ଲୁଟି ନିଆଯାଇଛି। ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ, ଆକାଉଣ୍ଟ ଅଫିସର ପଞ୍ଚାନନ କାଣ୍ଡି ପ୍ରମୁଖ ୪ଜଣିଆ ଟିମ୍ କୁରୁଣ୍ଟି ପଞ୍ଚାୟତର ବିଭିନ୍ନ ଗାଁରେ ପହଞ୍ଚି ଦୁର୍ନୀତିର ଚିତ୍ର ନିଜ ଆଖିରେ ଦେଖିଛନ୍ତି। ଏହି ଟିମ୍ ସାଙ୍ଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନିନ୍ଦ୍ର କୁମାର ପ୍ରଧାନ ଓ କନିଷ୍ଠଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଟିମ୍ ପ୍ରଥମେ ବଳରାମପୁର ଗାଁରେ ପହଞ୍ଚିଥିଲେ। ସେହି ଗାଁରେ ୨ଟି କଲଭର୍ଟ



କାମ ନ କରି ଫଲ୍‌ସ ବିଲ୍ କରାଯାଇଥିବା ସ୍ଥାନକୁ ୪ ଜଣିଆ ଟିମ୍ ଯାଞ୍ଚ କରୁଛନ୍ତି।

ନିର୍ମାଣ ହୋଇଥିବା ଦର୍ଶାଇ ୧ ଲକ୍ଷ ୭୦ ହଜାର ଟଙ୍କା ଉଠାଇ ନିଆଯାଇଛି। ରବିବାର ରାତିରେ ତରବରିଆ ଭାବେ ୨ଟି ହ୍ୟୁମ୍‌ପାଇପ ପକାଯାଇଥିବା ସ୍ଥାନକୁ ଗୋଟିଏ କଲଭର୍ଟ ବୋଲି ନିର୍ବାହୀ ଅଧିକାରୀ ଦେଖାଇଥିଲେ। କାମ ପାଇଁ ପାଇପ୍ ପଡିବା ପରେ ମୁଁ ଟଙ୍କା ଉଠାଇଛି ବୋଲି କହିଥିଲେ। ଆଉ କାମ ହୋଇନି ବୋଲି ମୁଁ ଜାଣିନି। ଆଉ ଏକ କଲଭର୍ଟ କେଉଁଠି ହୋଇଛି ମୁଁ ଜାଣିନି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତକାରୀ ଟିମକୁ କହିଥିଲେ। ଏହାପରେ ଟିମ୍ କୁରୁଣ୍ଟି ଗାଁରେ ପହଞ୍ଚିଥିଲେ। ଏହି ଗାଁରେ ନରେନ୍ଦ୍ର ସାହି ନିକଟକୁ ପାନୀୟଜଳ ପ୍ରକଳ୍ପ ନିମନ୍ତେ ପାଇପ ବିଛା ଯାଇଛି ବୋଲି ଦର୍ଶାଇ ୭୬ହଜାର ଟଙ୍କା ଉଠାଇ ନିଆଯାଇଛି। ଜଣଙ୍କ ବ୍ୟକ୍ତିଗତ ଫାର୍ମହାଉସ ମଧ୍ୟକୁ ପାଇପ ବିଛାଇଛୁ ବୋଲି ତଦନ୍ତକାରୀ ଟିମ୍ ଆଗରେ କହିଥିଲେ। ୫ବର୍ଷ ଭିତରେ ଏ ସ୍ଥାନରେ କୌଣସି ପାଇପ ବିଛା କାମ ହୋଇନି ବୋଲି ସ୍ଥାନୀୟ ଲୋକେ ତଦନ୍ତକାରୀ ଟିମକୁ କହିଥିଲେ।

**୬ ପ୍ରକଳ୍ପ ନାଁରେ ୬ ଲକ୍ଷ ଚଳୁ ଘଟଣା**

ଏହାପରେ ଟିମ୍ ପଶ୍ଚିମଭେଡା ଗାଁରେ ପହଞ୍ଚି ଗାଁର ବିଜୟ ବଳଙ୍କ ଘର ନିକଟକୁ ପାନୀୟଜଳ ଯୋଗାଇ ଦେବା ପାଇଁ ପାଇପ ବିଛା ଯାଇଛି କହି ଲକ୍ଷେ ଟଙ୍କା ଉଠାଇ ନିଆଯାଇଛି। ୮ ମୌଜାରେ ପାଇପ ଯୋଗେ ପାନୀୟଜଳର ବ୍ୟବସ୍ଥା ନ ଥିବା ବେଳେ ଏଠାରେ ପାଇପ କାହିଁକି ବା ପଡିବ ବୋଲି ଗ୍ରାମବାସୀ କହିଥିଲେ। ଏହାପରେ ଟିମ ନୋଧାବସନ୍ତ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଦେଢ ଲକ୍ଷ ଟଙ୍କାରେ ରିପ୍ୟାରିଂ କାମ ହୋଇଥିବା ଦେଖିଥିଲେ। ମାତ୍ର ଆଉ ଲକ୍ଷେ ଟଙ୍କାରେ ୱାଟର ସପ୍ଲାଇ କାମ ହୋଇ ନ ଥିବା ନେଇ ଅଭିଭାବକମାନେ ଅଭିଯୋଗ କରିବା ସହ ଯେଉଁ କାମ ହୋଇଛି, ତାହା ବର୍ଷେ ତଳୁ ହୋଇଥିବା ପୁରୁଣା କାମ ବୋଲି କହିଥିଲେ। ଏପରିକି କେଉଁଠି ନୂଆ ପାଇପ ଲାଗି ନ ଥିବା ତଦନ୍ତକାରୀ ଟିମ୍ କହିଥିଲେ। ତଦନ୍ତକାରୀ ଟିମ୍ ସେଠାରୁ ଫେରି ଆଦୌ କାମ ନ ହୋଇ ଉଠାଯାଇଥିବା ସରକାରୀ ଟଙ୍କା ସମ୍ପର୍କରେ ଏକ ରିପୋର୍ଟ ପିଡି, ଡିଆରଡିଏ ଓ ଜିଲାପାଳଙ୍କୁ ସନ୍ଧ୍ୟାରେ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

# ପାରାଦୀପ ବନ୍ଦରରେ ଜଳିଗଲା ହାଇୱା

ପାରାଦୀପ, ୭।୧୨(ସ୍ୱ.ପ୍ର.)



ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ସିକ୍ୟୁ ୨ ନଂ. ବର୍ଥରେ ବୁଧବାର ଅପରାହ୍ନରେ ଏକ ହାଇୱା ଗାଡିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲା ବେଳେ ଗାଡିର ସମ୍ମୁଖ ଭାଗ ପୋଡିଯାଇଛି। ଦୁର୍ଘଟଣା ଖବରପାଇ ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର କାରଣ ଶର୍ଟସର୍କିଟ୍ ବୋଲି ପ୍ରାଥମିକ ତଦନ୍ତରୁ କୁହାଯାଇଛି। ଏହି ହାଇୱା (ନଂ. ଓଆର୨୧ବି୦୦୨୪) ଆଇପିଟି (ଇଣ୍ଡୋ ପୋର୍ଟ ଟ୍ରାନ୍ସପୋର୍ଟ)ରେ ନିୟୋଜିତ ହୋଇଥିଲା।

# ଇଫ୍‌କୋକୁ ଦୁଇ ପୁରସ୍କାର



ପାରାଦୀପ, ୭।୧୨(ସ୍ୱ.ପ୍ର.)

ପାରାଦୀପର ଇଫ୍‌କୋ କମ୍ପାନୀକୁ ବୁଧବାର ଦିଲ୍ଲୀଠାରେ ଦୁଇଟି ପୁରସ୍କାର ମିଳିଛି। ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏନଭରମେଣ୍ଟ ପ୍ରୋଟେକଶନ୍ ଆୱାର୍ଡ ଓ ଉତ୍ପାଦନ ପାଇଁ ବେଷ୍ଟ ପ୍ରଡକଶନ୍ ପରଫର୍ମାନ୍ସ ଆୱାର୍ଡ ମିଳିଛି। ଫାଇ (ଫର୍ଟିଲାଇଜର ଆସୋସିଏଶନ ଇଣ୍ଡିଆ) ପକ୍ଷରୁ ଆୟୋଜିତ ବାର୍ଷିକ ସେମିନାରରେ ସାର ଓ ରସାୟନ ମନ୍ତ୍ରୀ ମନଶୁଖଲାଲ ମାଣ୍ଡଭିୟେଙ୍କଠାରୁ ଇଫ୍‌କୋର ନିର୍ଦ୍ଦେଶକ କେ. ଜେ. ପଟେଲ ଓ ମ୍ୟାନେଜର ଆର୍. କେ. ପାଣ୍ଡେ ଆୱାର୍ଡ ଗ୍ରହଣ କରିଥିଲେ। ପୁରସ୍କାର ମିଳିବା ସମୟରେ ଫାଇ ଅଧ୍ୟକ୍ଷ କେ. ଏସ. ରାଜୁ, ସାର ରସାୟନ ସଚିବ ଅରୁଣ ସିଂହ ଉପସ୍ଥିତ ଥିଲେ। ଇଫ୍‌କୋ ଲଗାତାର ଭାବେ ଏଭଳି ମାନ ଓ ଗୁଣବତ୍ତା ବଜାୟ ରଖିଥିବାରୁ ଏହାର ପରିଚାଳନା ନିର୍ଦ୍ଦେଶକ ଉଦୟ ଶଙ୍କର ଅଗସ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନମେଳା, ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ବାଲିକୁଦା, ୭।୧୨(ସ୍ୱ.ପ୍ର.):

ବିଜ୍ଞାନ ବିନା ଜୀବ ଜଗତ ବଞ୍ଚି ରହିବା ଅସମ୍ଭବ। ବୁଧବାର ଆମ୍ବଶାଳ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ବାଲିକୁଦା ବ୍ଲକ ବିଜ୍ଞାନ କମିଟି ପକ୍ଷରୁ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଦର୍ଶିତ ୧୦୨ଟି ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ୭ଟି ଜିଲାସ୍ତରକୁ ମନୋନୀତ ହୋଇଥିଲା। ବିଡିଓ ଜିତେନ୍ଦ୍ର ନାୟକ ମେଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓ ସରୋଜକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ଅଂଶୁମାନ ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ମହେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ



ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥିମାନେ।

ଆଲୋକ ସ୍ୱାଇଁ, ସମିତିସଭ୍ୟା ରୋଜାଲିନ୍ ଲେଙ୍କା ଯୋଗଦେଇଥିଲେ। ସେମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖି କୁନି ବିଜ୍ଞାନୀଙ୍କୁ ଉତ୍ସାହିତ କରିଥିଲେ। ଫନିନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଷ୍ଣୁୟ ମଲ୍ଲ ଧନ୍ୟବାଦ ଦେଇଥିଲେ। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓ ଜାତୀୟ ପୁରସ୍କୃତ କୃତୀ ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଜିଲାପରିଷଦ ସଦସ୍ୟା ରୁନିଲତା ବେହେରା, ଏବିଇଓ ଆଦିକନ୍ଦ ଦାସ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ କୁନି ବିଜ୍ଞାନୀଙ୍କ ପାରଦର୍ଶିତାକୁ ପ୍ରଶଂସା କରିବା ସହ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପର ପ୍ରତିଭାଧାରୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ପର୍ଯ୍ୟାୟ ବୈଠକରେ ବିଜ୍ଞାନ କମିଟି ସମ୍ପାଦକ ରମାକାନ୍ତ ବାରିକ ବିବରଣୀ ପାଠ କରିଥିଲେ। ସରୋଜକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୟ କେତନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଦୁର୍ଗାଚରଣ ଦାସ, ମାନସ ବାରିକ, ତପନ ନାୟକ, ବାବନ ଚରଣ ସ୍ୱାଇଁଙ୍କ ସମେତ ସମସ୍ତ ସିଆର୍‌ସିସି ଆମ୍ବଶାଳ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ଦେଶ ପ୍ରଗତିରେ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ରଘୁନାଥପୁର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୭୬ ପ୍ରକଳ୍ପ ପ୍ରଦର୍ଶିତ

ରଘୁନାଥପୁର, ୭।୧୨(ଡି.ଏନ.ଏ.)

ରଘୁନାଥପୁର ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ମେଳା ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପୂର୍ବାହ୍ନରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ ବିଶେଷ ଜ୍ଞାନ ପ୍ରତି ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରିଣୀ ରାଜ୍ୟଶ୍ରୀ ସାହୁ ଆୟୋଜିତ ଉଦ୍‌ଘାଟନ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ହୋଇ ଦେଶ ପ୍ରଗତିରେ ସହାୟକ ହେବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ବିଇଓ ବିଜୟ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ଏବିଇଓ ମେନକା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ, ଏସ୍‌ଏମ୍‌ସି ସଭାପତି ମିନାମଞ୍ଜରୀ ବିଶ୍ୱାଳ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ବିଧାୟକ ବିଜୟ ଶଙ୍କର ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହା ମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଶିକ୍ଷକ ଦେବାଶିଷ ବେହେରା, ସିଆରସିସି ତରୁଣ ଜେନାଙ୍କ ଉଦ୍ୟମରେ ବିଦ୍ୟାଳୟ ସବୁରୁ ପ୍ରକଳ୍ପ ଆସିଥିଲା। ମେଳାର ସମ୍ପାଦକ ଯଜ୍ଞେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଅମୀୟ ଭାୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ବ୍ଲକସ୍ତରୀୟ ବିଜ୍ଞାନମେଳା: ୭୫ ପ୍ରକଳ୍ପ ପ୍ରଦର୍ଶନ

ନାଉଗାଁ, ୭।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜବାହରଲାଲ ନେହେରୁ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ବିଜ୍ଞାନ କ୍ଲବ ସଂଯୋଜନା କମିଟି ସଭାପତି ତଥା ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ ଶିକ୍ଷାର ଅଗ୍ରଗତି ଓ ଶିକ୍ଷାର ମାନକୁ ବୃଦ୍ଧି କରିବା, ବିଜ୍ଞାନ ଓ ବୈଜ୍ଞାନିକ ସହ ପିଲାଙ୍କୁ ଜଡିତ ରଖିଲେ ଆଗାମୀଦିନରେ କେହି ନା କେହି ନାଉଗାଁର ନାମ ରଖିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନାଉଗାଁ ଜୋନ ନଂ. ୧ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବ୍ଲକସ୍ତରୀୟ ବିଜ୍ଞାନ କ୍ଲବ ସଂଯୋଜନା କମିଟିର ସମ୍ପାଦକ ନିରଞ୍ଜନ ମହାନ୍ତି, ଏବିଇଓ ଅକ୍ଷୟ କୁମାର ବେହେରା, ବାମଦେବ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବ୍ଲକସ୍ତରୀୟ ବିଜ୍ଞାନ କ୍ଲବ ସଂଯୋଜନା କମିଟି ସମ୍ପାଦକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏବିଇଓ ବେହେରା ଯୋଗ ଦେଇଥିଲେ। ଏହି ମେଳାରେ ବ୍ଲକର ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୪୭ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେଥିମଧ୍ୟରୁ ଚୟନ କମିଟି ଦ୍ୱାରା ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ କରାଯାଇଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ପ୍ରକଳ୍ପକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ପ୍ରତାପ କୁମାର ମିଶ୍ର ମଞ୍ଚ ପରିଚାଳନା କରୁଥିବା ବେଳେ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ହିମାଂଶୁ କୁମାର ମହାନ୍ତି, ସିଆରସିସି କମଳଲୋଚନ ନାୟକ, ରଶ୍ମୀରଞ୍ଜନ ମଲ୍ଲିକ, ଶାରଦା ପ୍ରସନ୍ନ ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ।

# ନୂଆ ଡିଲର ନିଯୁକ୍ତି ଲାଗି ବିଡିଓଙ୍କୁ ଅଭିଯୋଗ

ତିର୍ତ୍ତୋଲ, ୭।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ପଞ୍ଚାୟତରେ ନୂତନ ଖାଉଟି ଡିଲର ନିଯୁକ୍ତି ଲାଗି ବିଡିଓଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ଶତାଧିକ ରାଶନ କାର୍ଡ ହିତାଧିକାରୀ ଦୀର୍ଘଦିନ ହେଲା ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଡିଲରଙ୍କ ନିକଟରୁ ରାଶନ ସାମଗ୍ରୀ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଡିଲରଙ୍କ ବଦଳରେ ନୂଆ ଡିଲର ନିଯୁକ୍ତି ଲାଗି ସେମାନେ ଦାବି କରିଛନ୍ତି। ଏହି ହିତାଧିକାରୀଙ୍କୁ ଠିକ୍ ସମୟରେ ରାଶନ, କମ ଓଜନର ସାମଗ୍ରୀ ଏବଂ ବହୁ ସମୟରେ ଡିଲର ଅନୁପସ୍ଥିତ ରହୁଥିବା ସେମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଶତାଧିକ ରାଶନ କାର୍ଡ ହିତାଧିକାରୀଙ୍କ ନିମନ୍ତେ ଶୀଘ୍ର ନୂଆ ଡିଲର ନିଯୁକ୍ତି କରା ନ ଗଲେ ସେମାନେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତର ମହମ୍ମଦ ସାଜିଦ ଅଲ୍ଲୀ, ସମସୁନ ନିଶା, ଦୁଲାରି ବିବି, ହୁସନାରା ବେଗମ, କାଞ୍ଚନ ମଲ୍ଲିକ, ସବିତା ମଲ୍ଲିକ, ରହିମା ଖାତୁନଙ୍କ ସମେତ ଶତାଧିକ ହିତାଧିକାରୀ ଏହି ଦାବି କରିଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ୧୯୧ ପ୍ରକଳ୍ପ ପ୍ରଦର୍ଶିତ

ବିରିଡି, ୭।୧୨(ଡି.ଏନ.ଏ.)

ବିରିଡି ମଣ୍ଡଳସ୍ତରୀୟ ୨୪ତମ ବାର୍ଷିକ ବିଜ୍ଞାନ ମେଳା ବୁଧବାର ସ୍ଥାନୀୟ ଅଳକା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଆଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିଆ ଗୋପୀନାଥପୁର ସରପଞ୍ଚ କାହ୍ନୁଚରଣ ବେହେରା ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ତଥା ବିଜ୍ଞାନ ମେଳା କମିଟିର ସଭାପତି ସର୍ବେଶ୍ୱର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଅଜୟ କୁମାର ଭୋଇ, ବିଜ୍ଞାନ ମେଳା କମିଟିର ସମ୍ପାଦକ ଅଶୋକ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଡ. ସୁଶାନ୍ତ ମହାନ୍ତି, ସାମାଜିକ କର୍ମୀ ଆୟୁବ ସାହା, ଏସ୍‌ଏମ୍‌ସିର ସଭାପତି ମାନସ ରଞ୍ଜନ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଅତିଥିମାନେ କହିଲେ, ପିଲାମାନଙ୍କ ଭିତରେ ଯେଉଁ ଲୁକ୍କାୟିତ ଜ୍ଞାନ ରହିଛି ସେଗୁଡିକୁ ପରିପ୍ରକାଶ କରି କୁନି କୁନି ବୈଜ୍ଞାନିକ ସୃଷ୍ଟି କରିବା ଏହି ମେଳାର ଉଦ୍ଦେଶ୍ୟ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ବିଜ୍ଞାନ ମେଳାରେ ଭାଗ ନେବା ନିହାତି ଜରୁରୀ। ମେଳାରେ ଉଚ୍ଚ



ବିଧାୟକ ବିଜୟ ଶଙ୍କର ଦାସ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ବିଦ୍ୟାଳୟସ୍ତରରେ ୫୧ଟି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୮୦ଟି ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ବିମଳ ପ୍ରସାଦ ବେହେରା ଓ ଜିତେନ୍ଦ୍ର ନାଥ ମହାନ୍ତି ଯୋଗଦେଇ ଜିଲାସ୍ତରକୁ ଯିବା ପାଇଁ ୭ଟି ପ୍ରକଳ୍ପକୁ ଯୋଗ୍ୟ ବିବେଚିତ କରିଥିଲେ। ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱାଳ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମମତା ପାତ୍ର, ଉପାଧ୍ୟକ୍ଷା ପିନାକି ପ୍ରିୟଦର୍ଶିନୀ, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଶାରୀରିକ ପରିଦର୍ଶକ ବିଦ୍ୟାଧର ପ୍ରଧାନ, ସାମାଜିକ କର୍ମୀ ଦେବୀ ପ୍ରସାଦ ତ୍ରିପାଠୀ, ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ପ୍ରଧାନ ଶିକ୍ଷକ ମହାନ୍ତି ଯୋଗଦେଇ ଜିଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିବା ୭ ଜଣ କୁନି ବୈଜ୍ଞାନିକଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶେଷରେ ଶିକ୍ଷକ ବଂଶୀଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଭିଟାମାଟି, ଭାତହାଣ୍ଡି ପାଇଁ ସତ୍ୟାଗ୍ରହ

- ଶାସକ ଦଳର ମିଛ ପ୍ରତିଶ୍ରୁତି ମରଣ ମୁହଁକୁ ଠେଲୁଛି
- ଭାଜପାର ୧୧ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୭।୧୨(ଡି.ଏନ.ଏ.)




ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତୃବୃନ୍ଦ।

ଭିଟାମାଟି ଓ ଭାତହାଣ୍ଡିର ସୁରକ୍ଷା ଦାବିରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପାର ସତ୍ୟାଗ୍ରହ ବୁଧବାର ଅନୁଷ୍ଠିତ ହୋଇଛି । କେୟାରବାଙ୍କସ୍ଥିତ ମହାକାଳପଡ଼ା ତହସିଲ ସମ୍ମୁଖରେ ଅନୁଷ୍ଠିତ ଏହି ସତ୍ୟାଗ୍ରହର ବିଶାଳ ଜନ ସମାବେଶରେ ଶାସକ ଦଳର ମିଛ ପ୍ରତିଶ୍ରୁତି ପାଇଁ ସ୍ଥାନୀୟ ଅଧିବାସୀ ହନ୍ତସନ୍ତ ହେଉଥିବା ବେଳେ ମୌଳିକ ସମସ୍ୟାର ସମାଧାନ ହୋଇ ନ ପାରିବାରୁ ଲୋକେ ମରଣ ମୁହଁକୁ ଠେଲି ହେଉଛନ୍ତି ବୋଲି ନେତାମାନେ କହିଛନ୍ତି। ଭାଜପା ନେତା ପବିତ୍ର ମୋହନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଭୂବନମୋହନ ଜେନା ଯୋଗ ଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ସେ କହିଥିଲେ, ମହାକାଳପଡ଼ାରେ ଶାସକ ଦଳର ନେତାମାନେ କେ-୨ ଫର୍ମ ରସିଦକୁ ପଟ୍ଟା କହି ଲୋକଙ୍କୁ ଠକିଛନ୍ତି। ସ୍ଥାୟୀ ପଟ୍ଟା ମିଳୁ ନ ଥିବାରୁ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା ଯୋଜନାରେ ସାମିଲ କରାଯାଇପାରୁନାହିଁ। ସ୍ଥାୟୀ ପଟ୍ଟା ଆଶାୟୀଙ୍କୁ ଏହି ସରକାର ଠକିଛନ୍ତି। ଏଠାରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ପଦବୀ ପୂରଣ ହୋଇ ପାରୁ ନ ଥିବାରୁ ମୌଳିକ ଆବଶ୍ୟକତା ପୂରଣ ହେଉନି । ଜିଲାର ପାଣି ଓ ପବନକୁ ପଡୋଶୀ ଜିଲାର କଳ କାରଖାନା ପ୍ରଦୂଷିତ କରୁଛି । ଫଳରେ ବିଭିନ୍ନ ରୋଗ ବ୍ୟାପୁଛି। ଅଥଚ ସେହି ଜିଲାର ଶିଳ୍ପରେ କେନ୍ଦ୍ରାପଡ଼ା ଜିଲାର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ମିଳୁନାହିଁ । ଇତିମଧ୍ୟରେ ଜିଲାରେ ଅନୁନ୍ୟ ୫ଟି ଶିଳ୍ପ ସହ ବରୁଣେଇ ଓ ଆଖଡାଶାଳୀରେ ବନ୍ଦର ପ୍ରତିଷ୍ଠା ହେବ ବୋଲି ଶାସକ ଦଳ ପ୍ରତିଶ୍ରୁତି ଦେଇ ଭୋଟ ପାଇଛନ୍ତି । ତାହା ପ୍ରତିଶ୍ରୁତି ହୋଇ ରହିଛି। ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଳାଇଲେଠାରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପାଇଁ ୮୨୫ ଏକର ଜମି ଅଧିଗ୍ରହଣ ହୋଇଛି । ଚଳିତ ମେକ ଇନ ଓଡ଼ିଶା କନକ୍ଲେଭରେ କେନ୍ଦ୍ରାପଡ଼ା ଜିଲାକୁ ଛାଡି ଢେଙ୍କାନାଳରେ ପ୍ଲାଣ୍ଟ ପାଇଁ ଏମଓୟୁ ହୋଇଛି । ରାଶନକାର୍ଡ ପାଇଁ ସ୍ଥାନୀୟ ଅଧିବାସୀ ବିକଳ ହେଉଛନ୍ତି । ମାତ୍ର ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ଏହାକୁ ଅଣଦେଖା କରୁଛନ୍ତି । ପାନୀୟ ଜଳ, କ୍ଷେତକୁ ଜଳ, କୃଷି ଓ କୃଷକ ସମସ୍ୟାକୁ ଅଣଦେଖା କରୁଥିବା ଶାସକ ଦଳକୁ ଆଗାମୀ ଦିନରେ ଉଚିତ ଜବାବ ମିଳିବ ବୋଲି ସେ ସତ୍ୟାଗ୍ରହରେ ପ୍ରକାଶ କରିଥିଲେ। ସତ୍ୟାଗ୍ରହରେ ଅନ୍ୟାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡ. ଅଲେଖ କୁମାର ଜେନା, ଶାରଦା ପ୍ରଧାନ, ବାବୁ ସିଂହ, ଦୁର୍ଯ୍ୟୋଧନ ସାହୁ, ରୋଜାଲିନ୍ ମହାନ୍ତି, ପ୍ରମୋଦ ଧଳ ପ୍ରମୁଖ ଯୋଗ ଦେଇ ଶାସକ ଦଳକୁ ସମାଲୋଚନା କରିଥିଲେ। ସତ୍ୟାଗ୍ରହ ଆରମ୍ଭରେ ମହାକାଳପଡ଼ା ଛକ ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା । ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର ଭାଜପା ନେତାମାନେ ତହସିଲଦାରଙ୍କୁ ପ୍ରଦାନ କରିଥିଲେ ।

# ଲିଙ୍ଗ ନିରୂପଣ ସୂଚନା ଦେଲେ ୨୫ହଜାର


ବୈଠକରେ ଉପସ୍ଥିତ ଅତିଥି।

■ ଗୋପନ ରହିବ ନାମ, ୩ ପର୍ଯ୍ୟାୟରେ ମିଳିବ ପୁରସ୍କାର ରାଶି
■ ଡିଏଚ୍ଏଚ୍‌ରେ ଅଲ୍‌ଟ୍ରାସାଉଣ୍ଡ ହେଉ ନ ଥିବାରୁ ଅସନ୍ତୋଷ
■ ପିସି ପିଏନ୍‌ଡିଟି ପରାମର୍ଶ ସମିତି ସମୀକ୍ଷା ବୈଠକ

ନୟାଗଡ଼ ଅଫିସ,୭।୧୨

ଗର୍ଭ ସଞ୍ଚାର ପରେ ଲିଙ୍ଗ ନିରୂପଣ କରୁଥିବା ନେଇ ସୂଚନା ଦେଲେ ସୂଚନାଦାତା ପାଇବେ ୨୫ ହଜାର ଟଙ୍କା ପୁରସ୍କାର। ତେବେ ପୁରସ୍କାର ରାଶି ୩ ସୋପାନରେ ମିଳିବ ବୋଲି ଗର୍ଭଧାରଣ ପୂର୍ବ ଓ ପ୍ରସୂତି ନିଦାନ କୌଶଳ(ପିସି ପିଏନଡିଟି) ପରାମର୍ଶ ସମିତି ବୈଠକରେ ଗୁରୁବାର କୁହାଯାଇଛି।

ଜିଲାପାଳଙ୍କ ସଭାଗୃହରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସିଡିଏମ୍‌ଓ ମକରନ୍ଦ ବେଉରା କହିଥିଲେ, ସପ୍ତାହକୁ ୨ ଥର ଅଲଟ୍ରାସାଉଣ୍ଡ ହେଉଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଅଲଟ୍ରା ସାଉଣ୍ଡ କରିବାକୁ ନିଯୁକ୍ତି ପାଇଥିବା ଗାଇନିକ୍ ସ୍ପେଶାଲିଷ୍ଟ କାର୍ଯ୍ୟରେ ଯୋଗ ନ ଦେବାରୁ ଅବ୍ୟସ୍ଥା ହୋଇଛି। ଯଦି କେହି ଗାଇନିକ୍ ସ୍ପେଶାଲିଷ୍ଟ ଅଲଟ୍ରାସାଉଣ୍ଡ କରୁଥିବେ ସେନେଇ ଆବଶ୍ୟକ ପ୍ରମାଣପତ୍ର ଦେଲେ ଆମେ ପୋଷ୍ଟିଂ କରି ପାରିବୁ। ଅନ୍ୟପକ୍ଷେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ରୋଗୀ ଉପକୃତ ହେଉଛି ବୋଲି କହିଥିଲେ। ଅନ୍ୟପକ୍ଷେ ଲିଙ୍ଗ ନିରୁପଣ ନେଇ ସୂଚନା ଦେଇଥିବା ବ୍ୟକ୍ତିର ରିପୋର୍ଟ ସତ୍ୟତା ଜଣାପଡିଲେ ପ୍ରଥମେ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ମାମଲା କୋର୍ଟକୁ ଗଲେ ପୁଣି ୧୦ ହଜାର ଓ ଦଣ୍ଡ ହେଲେ ପୁଣି ୫ ହଜାର ଟଙ୍କା ପୁରସ୍କାର ରାଶି ଯୋଗାଇ ଦିଆଯିବବୋଲି କହିଥିଲେ। ପୁରସ୍କାର ରାଶି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବହନ କରୁଛି ବୋଲି କୁହାଯାଇଛି। ଏଣୁ ଜନସାଧାରଣ ଏହାର ଫାଇଦା ନେଇ ଲିଙ୍ଗ ନିରୁପଣ କରୁଥିବା ବ୍ୟକ୍ତିଙ୍କୁ ଧରାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ସହାୟକ ପ୍ରଜନନ ପ୍ରଯୁକ୍ତି ବିଦ୍ୟା ଅଧିନିୟମ ଓ ସରୋଗେସି ନିୟମାବଳିର ସଠିକ ଅନୁପାଳନ ପୂର୍ବକ ଟେକ୍ନୋଲୋଜିର ଅପବ୍ୟବହାରକୁ ରୋକି ଗର୍ଭସ୍ଥ ଶିଶୁର ଜୀବନ ଅଧିକାର ରକ୍ଷା କରାଯାଇ ପାରିବ ବୋଲି ମଧ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ତ୍ରୀ ରୋଗ ବିଶେଷଜ୍ଞ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଶିଶୁ ରୋଗ ବିଶେଷଜ୍ଞ ତିଳୋତ୍ତମା ଷଡ଼ଙ୍ଗୀ, ଜିଲା ସହପରିଚାଳକ (ଆଇନ) ଅଜିତ କୁମାର ପାଣିଗ୍ରାହୀ, କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଶୀତଳଭଣ୍ଡାରରେ ଧରପଗଡ଼ ବ୍ୟବସ୍ଥା

ନୟାଗଡ଼ ଜିଲାରେ ୨୦୧୧ ଜନଗଣନାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜନ୍ମିତ କନ୍ୟା ଶିଶୁ ସଂଖ୍ୟାର ଅନୁପାତ ହାର ରାଜ୍ୟସ୍ତରଠାରୁ କମ ରହୁଛି। ଏନେଇ ଆବଶ୍ୟକ ସଚେତନତା କରାଯାଉ ନାହିଁ। ପୁଣି ଠିକ ସମୀକ୍ଷା କରାଯାଉ ନ ଥିବାର ଅଭିଯୋଗ ରହିଛି। ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକୁ ଅତର୍କିତ ଭାବେ ଚଢ଼ାଉ, ଧରପଗଡ କରାଯାଉ ନାହିଁ। ସୂଚନା ଦେଇ ଚଢ଼ାଉ କରାଯାଉଥିବାରୁ ଅନିୟମିତତା ଲୁଚିଯାଉଛି। ଅଲଟ୍ରାସାଉଣ୍ଡ କ୍ଲିନିକର ମାଲିକମାନେ ସରକାରୀ ନୀତି ନିୟମ ଭଙ୍ଗ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି ମତ ପ୍ରକାଶ ପାଇଛି। ଅଧିକାଂଶ କ୍ଲିନିକର ରିପୋର୍ଟ ଠିକ ରହୁ ନାହିଁ ବୋଲି ଅଭିଯୋଗ ହେଉଛି। ଗୋଟିଏ ରୋଗ ପାଇଁ ଭିନ୍ନ ଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକରେ ରିପୋର୍ଟ ସଂଗ୍ରହ କଲେ ଅଲଗା ରହୁଛି। ଅନ୍ୟପକ୍ଷେ ଅଲଟ୍ରାସାଉଣ୍ଡ କ୍ଲିନିକର ମାଲିକମାନେ ସମସ୍ତ ଦସ୍ତାବିଜ୍‌କୁ ସାଇତି ରଖିବାକୁ ତତ୍‌କାଳୀନ ଜିଲାପାଳ ଗତ ମାର୍ଚ୍ଚ ୧୬ରେ ଅନୁଷ୍ଠିତ ଗର୍ଭଧାରଣ ପୂର୍ବ ଏବଂ ଜନ୍ମପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ୧୯୯୪ ପିସିପିଏନଡିଟି ପରାମର୍ଶ ସମିତିର ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତିମାସର ୫ତାରିଖ ସୁଦ୍ଧା କ୍ଲିନିକର ଆନୁସଙ୍ଗିକ ତଥ୍ୟ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ପ୍ରୋ ଫର୍ମାରେ ଦାଖଲ କରିବା ନିମନ୍ତେ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅବହେଳା କଲେ ପଞ୍ଜୀକରଣ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯାଇଥିଲା। ହେଲେ ଏକାଧିକ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମନମାନିକୁ ରୋକାଯାଇ ପାରୁନି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ଅସ୍ଥାୟୀ କର୍ମଚାରୀ

ନୟାଗଡ଼ ଅଫିସ,୭।୧୨

**ସହରାଞ୍ଚଳ ଓ ଗାମ୍ୟ ଜଳଯୋଗାଣ ପ୍ରକଳ୍ପ**

ନୟାଗଡ଼ ଜିଲାର ବିଭିନ୍ନ ସହର ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦାବି କରି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୫୭ ହଜାର କଣ୍ଟ୍ରାକଚୁଆଲ(ଠିକା କର୍ମଚାରୀ)ଙ୍କୁ ନିୟମିତ କରାଯାଇଛି। ହେଲେ ରାଜ୍ୟର ବିଭିନ୍ନ ସହର ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ଅଣଦେଖା କରାଯାଇଛି। ଏନେଇ ବିଭିନ୍ନ ସମୟରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଗୁହାରୀ ଶୁଣୁ ନ ଥିବା ଅଭିଯୋଗ ରହିଛି।ବୁଧବାର ଜିଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶେଖ ମଜଦୁର, ପବିତ୍ର ଚମ୍ପତି, ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା।

## ସଂକ୍ଷେପରେ

### ଜି.ଉଦୟଗିରିରେ ପୁଣି ବଢ଼ିଲା ଶୀତ

**ଜି.ଉଦୟଗିରି,୭।୧୨(ଡି.ଏନ.ଏ.):** ଜି.ଉଦୟଗିରି ସହରରେ ବୁଧବାର ଠାରୁ ଶୀତ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରହିଛି। ଗତ କିଛିଦିନ ହେବ ସର୍ବନିମ୍ନ ତାପମାତ୍ରା ୧୪ଡିଗ୍ରୀ, ୧୩ ଡିଗ୍ରୀ ଓ ୧୨ ଡିଗ୍ରୀ ରହୁଥିଲା। ମଙ୍ଗଳବାର ସନ୍ଧ୍ୟାରୁ ଶୀତର ପ୍ରକୋପ ଆରମ୍ଭ ହୋଇଥିଲା। ବୁଧବାର ସକାଳେ ଘନ କୁହୁଡି ଆଚ୍ଛାଦିତ ହୋଇ ପ୍ରବଳ ଶୀତ ଅନୁଭୂତ ହୋଇଥିଲା। ଅନ୍ୟପଟେ ଶୀତରେ ଲୋକଙ୍କୁ ସୁସ୍ଥ ରଖିବା ପାଇଁ ପତଞ୍ଜଳୀ ଯୋଗ ସମିତି ତରଫରୁ ବିନା ଶୁଳ୍କରେ ଯୋଗ ଓ ପ୍ରାଣାୟମ ଶିକ୍ଷା ଦିଆଯିବା ସହ ଯୋଗ ଅଭ୍ୟାସ କରାଯାଉଛି ବୋଲି ଯୋଗ ଗୁରୁ ବଟକୃଷ୍ଣ ଦାଶ କହିଛନ୍ତି।

### ଘାଟିତଳୁ ମୃତଦେହ ଜବତ

**ଚିକିଟି,୭।୧୨(ଡି.ଏନ.ଏ.):** କ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ମାଧୁରୀ ଗ୍ରାମ ନିକଟ ଘାଟିତଳୁ ମଙ୍ଗଳବାର ରାତିରେ କ.ନୂଆଗାଁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ରାମପୁର ଗ୍ରାମର ଭଗବାନ ପ୍ରଧାନ (୫୨)। ଭଗବାନ ସ୍କୁଟି ଯୋଗେ ବ୍ରହ୍ମପୁର ଠାରୁ ଟାମଣାଦେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ମାଧୁରୀ ଗ୍ରାମ ନିକଟସ୍ଥ ଘାଟି ତଳୁକୁ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କ.ନୂଆଗାଁ ପୋଲିସ ପହଞ୍ଚି ବାଇକ ସହ ମୃତଦେହକୁ ଜବତ କରିଥିଲା। ବୁଧବାର ବ୍ରହ୍ମପୁର ବଡମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ବ୍ଲକସ୍ତରୀୟ ବିଜ୍ଞାନମେଳା

**ନୂଆଗଡ଼,୭।୧୨(ଡି.ଏନ.ଏ.):** ଗଜପତି ଜିଲା ନୂଆଗଡ଼ ସଦରମହକୁମାରେ ଅବସ୍ଥିତ ଲକ୍ଷ୍ମୀ ନୃସିଂହ ନୋଡାଲ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତହସିଲଦାର କୁରେସ ଚନ୍ଦ୍ର ଜାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ମଣ୍ଡଳ, ଏବିଇଓ ଲିଙ୍ଗରାଜ କାର୍ଜୀ, ଏବିଇଓ ନିଳାପୁ ବିମଳ, ସରପଞ୍ଚ ସରୋଜିନୀ ରଇତ, ସମିତି ସଭ୍ୟା ସୁଚିତା ଭୂୟାଁ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ୩୧ ବିଦ୍ୟାଳୟରୁ ୫୫ ପ୍ରକଳ୍ପ ଭାଗ ନେଇଥିବା ବେଳେ ସେଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ଏ. ରାମ କ୍ରିଷ୍ଣା, ଶିକ୍ଷକ କେ.ମୁରଲୀ କ୍ରିଷ୍ଣା ଯୋଗଦାନ କରିଥିଲେ। ଜିଲାସ୍ତରକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଗୀତା ଜୟନ୍ତୀ ପାଳିତ

**ବଲସକୁମ୍ପା,୭।୧୨:** ଖଜୁରିପଡା ବ୍ଲକ ଅରାପାଜୁ ପଞ୍ଚାୟତ ବୁଢ଼ାରାକାଡି ସ୍ଥିତ ରାଧାକୃଷ୍ଣଙ୍କ ମନ୍ଦିର ପରିସରରେ ଗୀତା ଚିନ୍ତନ ପରିବାର ତରଫରୁ ଗୀତା ଜୟନ୍ତୀ ପାଳନ କରାଯାଇଛି। ଏଥିରେ ରମ୍ଭା ଦିବ୍ୟ ଚୈତନ୍ୟ ମହାରାଜ ଏବଂ ଗୀତା ଗୁରୁଦେବ ଦାଶରଥି ବେହେରା ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ରାଧାକୃଷ୍ଣ ମନ୍ଦିର ମୁଖ୍ୟ ଆୟୋଜକ ଉଦ୍ଧବ ଦିଗାଲ ଏବଂ ଗୀତା ଚିନ୍ତନ ପରିବାର ତରଫରୁ ଆୟୋଜିତ ଏହି ଗୀତା ଜୟନ୍ତୀରେ ପୂଜାପାଠ ଶେଷରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଅରାପାଜୁ ଗ୍ରାମପଞ୍ଚାୟତ ସରପଞ୍ଚ ଭାଗ୍ୟବତୀ ଦେହୁରୀ, ନାଏବ ସରପଞ୍ଚ ଦିଲୀପ ଦଳବେହେରା, ସମିତିସଭ୍ୟା ସୁଭଦ୍ରା ବେହେରା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀଙ୍କ ଧାରଣା।

ନୟାଗଡ଼ ଅଫିସ,୭।୧୨

**ଆଜିଠୁ ରାଜସୁନାଖଳା ମହୋତ୍ସବ**

ରାଜ ସୁନାଖଳା ମହୋତ୍ସବ ଡିସେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ତେବେ ରାଜ ସୁନାଖଳା ମହୋତ୍ସବ କାଉଁରୀକୁ ବନ୍ଦ କରିବାକୁ ହାଇକୋର୍ଟରେ ମାମଲା ହୋଇଥିଲା। ସୁନାଖଳାର କେତେଜଣ ଲୋକ ମହୋତ୍ସବକୁ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣୀ କରି ଜିଲାପାଳଙ୍କ କୋର୍ଟକୁ ପଠାଇଥିଲେ। ବୁଧବାର ଉପଜିଲାପାଳଙ୍କ କୋର୍ଟରେ ଏହାର ଶୁଣାଣୀ ହୋଇଥିଲା। କୋର୍ଟରେ ଶୁଣାଣୀ ଚାଲିବା ବେଳେ ବାହାରେ ସପକ୍ଷରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ବିପକ୍ଷବାଦୀ ବିଜୟ ହାସଲ କରିବାକୁ ପ୍ରଚେଷ୍ଟା ବେଳେ ସପକ୍ଷବାଦୀଙ୍କ ଆନ୍ଦୋଳନ ବଢ଼ିବା ଆରମ୍ଭ ହୋଇଥିଲା। ଏଭଳିସ୍ଥଳେ ସପକ୍ଷବାଦୀଙ୍କ ସପକ୍ଷରେ ନ୍ୟାୟ ଆସିଥିଲା। ଉପଜିଲାପାଳ ମହୋତ୍ସବକୁ ସ୍ୱାଗତ କରି କରିବା ପାଇଁ ଅନୁମତି ଦେଇଛନ୍ତି। ମହୋତ୍ସବ ଅନୁମତି ମିଳିବା ପରେ ବିକ୍ଷୋଭ ଆପେ ଆପେ ପ୍ରତ୍ୟାହୃତ ହୋଇଥିଲା। ଏନେଇ ସପକ୍ଷବାଦୀଙ୍କ ମଧ୍ୟରୁ ଜଣେ ନିଜ ନାମ ଗୋପନ ରଖି କହିଛନ୍ତି ସୁନାଖଳାରେ ମହୋତ୍ସବ ହେଲେ ସମସ୍ତେ ଉପକୃତ ହେବେ। ଆମ ଅଞ୍ଚଳର ସବୁ ଲୋକ ଏହାକୁ ସ୍ୱାଗତ କରୁଛନ୍ତି। ହେଲେ ହାତଗଣତି କେତେଜଣ ଲୋକ ଏହାକୁ ବିରୋଧ କରି ନିଜର ଲୋକପ୍ରିୟତା ହରାଇଲେ ବୋଲି କହିଛନ୍ତି।

## ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଓଡ଼ଗାଁ, ୭।୧୨(ସ୍ୱ.ପ୍ର.)

ବୁଧବାର ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ସାହୁ ସୂଚନା ପ୍ରଦାନ କରିବା ସହିତ କଲେଜରେ ବିଜ୍ଞାନ ବିଭାଗ କ୍ରମାଗତ ଚାହିଦା ବୃଦ୍ଧି ପାଇବାର କାରଣ ସମ୍ପର୍କରେ ପୁରାତନ ତଥା ନବାଗତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ବିଭାଗରେ ଚଳିତ ବର୍ଷ ଯୁକ୍ତ ୩ ବିଜ୍ଞାନ(ପଦାର୍ଥ ବିଜ୍ଞାନ) ବିଭାଗରେ ୨୭ ଛାତ୍ରୀଛାତ୍ର ଅଧ୍ୟୟନ କରିବାକୁ ନାମ ଲେଖାଇଥିବା ସମସ୍ତଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ପାରମ୍ପରିକ ପୂଜା ପଦ୍ଧିତି ସହିତ ଶଙ୍ଖ ହୁଳହୁଳି ସହିତ ସ୍ୱାଗତ କରିଥିଲେ। କୌଣସି ପ୍ରକାର ର୍‍ୟାଗିଂକୁ ଆଦୌ ପ୍ରଶୟ ଦିଆଯିବନି ବୋଲି ଶପଥ ନେଇଥିଲେ। ବରିଷ୍ଠ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ପ୍ରେସ କ୍ଲବ୍ ସଭାପତି ଅଶୋକ କୁମାର ମହାପାତ୍ର, ସାମାଜିକ ବିଜ୍ଞାନ ଅଧ୍ୟାପକ ସମ୍ବିତ ଦାସ, ରାଜନୀତି ବିଭାଗ ଅଧ୍ୟାପକ ସୋମ ପଣ୍ଡା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ଦାଶ ମଞ୍ଚାସୀନ ଥିଲେ। ପ୍ରାକ୍ତନ ଅଧ୍ୟାପକ ଚିତ୍ତରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି

■ମହିଳା ଗୁରୁତର, ଭୁବନେଶ୍ୱର ରେଫର
■ଖାଦ୍ୟ ନଳୀରେ ଜମି ରହୁଛି ଖାଦ୍ୟ


ଡାକ୍ତରଖାନାରେ ରଶ୍ମିତା ବାରିକ।

ନୟାଗଡ଼ ଅଫିସ,୭।୧୨

ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ନୟାଗଡ଼ ଜିଲା ଭାପୁର ବ୍ଲକ ତରବାଲୁ ଗାଁର ରଶ୍ମିତା ବାରିକ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଭୋକ ହେଉ ନ ଥିବାବେଳେ ଗ୍ୟାସ ବଢ଼ି ଚାଲିଛି। ପେଟ ଫୁଲାଇ ଯନ୍ତ୍ରଣା ମଧ୍ୟ ବଢ଼ିଛି। ଏଭଳିସ୍ଥଳେ ରଶ୍ମିତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ରଶ୍ମିତା ବାରିକ କୁହନ୍ତି, ମୋର ଦୁଇଟି ପିଲା ଅଛନ୍ତି। ଉଭୟ ପିଲାଙ୍କ ଜନ୍ମ ବେଳେ ମୋର ସିଜରିଂ ହୋଇଛି। ତେବେ ମୋର ଅପରେଶନରେ କିଛି ଅସୁବିଧା ନ ଥିଲା। ଗତ ୨ ତାରିଖରେ ମୋର ପରିବାର ନିୟନ୍ତ୍ରଣ ଆସ୍ତ୍ରୋପଚାର କରାଯାଇଥିଲା। ୩ ତାରିଖରେ ଭୋକ ନ ହେବା ଓ ଗ୍ୟାସ ପରି ଲାଗିବାରୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି। ମୋ ସ୍ୱାମୀ ବାହାରେ କାମ କରିବାକୁ ଯାଇଥିବାରୁ ମୋ ଗାଁର ଆଶାକର୍ମୀ ମୋତେ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଡାକ୍ତର ଦେଢ଼ ହଜାର ଟଙ୍କାର ଔଷଧ ଲେଖିଲେ। ହେଲେ ରୋଗର ଉପଶମ ହେଲା ନାହିଁ। ମଙ୍ଗଳବାର ମୋତେ ପୁଣି ଆଶାକର୍ମୀ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୋତେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଡାକ୍ତରଙ୍କ ଚିକିତ୍ସା ପରେ ମୋ ରୋଗ ଭଲ ହୋଇ ନ ଥିଲା। ବୁଧବାର ଅଲଟ୍ରାସାଉଣ୍ଡ ଓ ଏକ୍ସରେ କରିବା ପରେ ଖାଦ୍ୟ ନଳୀରେ ଖାଦ୍ୟ ଜମୁଛି ବୋଲି ରିପୋର୍ଟ ମିଳିଛି। ଡାକ୍ତର କହୁଛନ୍ତି ଅଧିକ ଖାଦ୍ୟ ଖାଇଥିବାରୁ ରୋଗ ବଢ଼ୁଛି। ତେବେ ମୋତେ ବୁଧବାର ଏମସକୁ ସ୍ଥାନାନ୍ତର କରି ଦେଇଛନ୍ତି। ଅନ୍ୟପକ୍ଷେ ମୋ ଅପରେଶନରେ ଡାକ୍ତରଙ୍କ ତ୍ରୁଟି ଯୋଗୁ ମୋତେ ହଇରାଣ ହେବାକୁ ପଡିଛି। ମୋ ପିଲାମାନେ ମଧ୍ୟ ହଇରାଣ ହେଉଛନ୍ତି। ଡାକ୍ତରଙ୍କ ତ୍ରୁଟି ଯୋଗୁ ମୋ ପରିବାରର ଟେନ୍‌ଶନ ବଢ଼ି ଯାଇଛି କହି କାନ୍ଦି ପକାଇଥିଲେ।

ଆଶାକର୍ମୀ କୁହନ୍ତି,ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ସମୟରେ ଗୋଟିଏ ଶିର ମିଳିଥିଲା। ଅନ୍ୟ ଏକ ଶିର ମଳି ନଥିଲା ବୋଲି ଡାକ୍ତର କହିଥିଲେ। ଗତ ୨ ତାରିଖରେ ଅପରେଶନ ପରେ ଘରକୁ ଯାଇଥିଲୁ। ୪ତାରିଖରେ ପେଟ ରୋଗ ଦେଖା ଦେଇଥିଲା। ଖାଦ୍ୟ ନଳୀରେ ଖାଦ୍ୟ ଜମିଥିବାରୁ ରୋଗ ଦେଖା ଦେଇଥିବା ଜଣାପଡିଛି। ଏଣୁ ପୁନଃ ଅପେରଶନ ପାଇଁ ଏମସକୁ ରେଫର କରାଯାଇଛି। ସିଡିଏମଓ ମକରନ୍ଦ ବେହୁରା କୁହନ୍ତି, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ସମୟରେ ସମସ୍ୟା ଦେଖା ଦେଇଥିଲା। ଏହାର ସମାଧାନ କରାଯିବାକୁ ପ୍ରଚେଷ୍ଟା କରାଯାଇଥିଲା। ହେଲେ ସମାଧାନ ହୋଇ ପାରି ନ ଥିଲା। ଖାଦ୍ୟ ନଳୀରେ ଖାଦ୍ୟ ଜମିବା ଯୋଗୁ ପେଟ ରୋଗ ଦେଖା ଦେଇଛି। କେତେଜଣ ମହିଳାଙ୍କ ଏପରି ହେଲେ ସାଲାଇନ ଦେଇ ଭଲ ହୋଇଥାଏ। ତେବେ ରଶ୍ମିତା ବାରିକଙ୍କର ଭଲ ହେଉ ନ ଥିବାରୁ ଏମସକୁ ରେଫର କରାଯାଇଛି। ସେଠାରେ ପୁଣି ଅପରେଶନ କରାଯାଇପାରେ ବୋଲି କହିଛନ୍ତି।

## ଗଛରେ ପିଟିହେଲା କାର୍, ୨ ଗୁରୁତର

ବୁଗୁଡ଼ା,୭।୧୨(ଡି.ଏନ.ଏ.)

ବୁଗୁଡ଼ା-ନୟାଗଡ ମୁଖ୍ୟ ରାସ୍ତାର ମତାଝରି ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ପରିବାରର ୪ ଜଣ ଆହତ ହୋଇଥିବା ବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କଟକ ଜିଲା ବଡମ୍ବା ଥାନା ମହୁଲିଆ ନିକଟ ମାଣିଆବନ୍ଧ ଗ୍ରାମର ସୁତା ବ୍ୟବସାୟୀ ସୁରେଶ ପାତ୍ର, ଭରତ ପାତ୍ର, ବିରଞ୍ଚି ପାତ୍ର ଓ ଆଦିକନ୍ଦ ପାତ୍ର ଏକ କାରରେ ବ୍ରହ୍ମପୁର ଯାଉଥିଲେ। ଭୋରରେ ଚାଳକ ସୁରେଶଙ୍କ ଆଖି ଲାଗିଯିବାରୁ ମତାଝରି ଗ୍ରାମ ନିକଟରେ କାର୍‌ଟି ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲ ଆଣିଥିଲେ। ସେଠାରୁ ଚାଳକ ସୁରେଶ ଓ ଆଗ ସିଟରେ ବସିଥିବା ଭରତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ଦୁର୍ନୀତି ଅଭିଯୋଗର ବର୍ଷକ ପରେ ତଦନ୍ତ ନିର୍ଦ୍ଦେଶ

ଓଡ଼ଗାଁ,୭।୧୨(ସ୍ୱ.ପ୍ର.)

ଜିଲା ସମବାୟ ସହକାରୀ ନିବନ୍ଧକଙ୍କ ଅବହେଳା ଯୋଗୁ ଜଣେ ସମିତି ସମ୍ପାଦକଙ୍କ ବିରୋଧରେ ଅଭିଯୋଗର ବର୍ଷକ ପରେ ଏହାର ତଦନ୍ତ ନିର୍ଦ୍ଦେଶ ମିଳିଛି। ନନା ଦୁର୍ନୀତି ପୋଲିସ କେଶ ତଥା ଆର୍ଥିକ ଅନିୟମିତତା କାରଣରୁ ନିଲମ୍ବିତ ହୋଇ ପୁନଃ ଅବସ୍ଥାପିତ ହୋଇଥିବା ଓଡ଼ଗାଁ ବ୍ଲକ କୋମଣ୍ଡ ସେବା ସମବାୟ ସମିତି ସମ୍ପାଦକ ଲିଙ୍ଗରାଜ ସାହୁଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସମିତିର ପୂର୍ବତନ ସଭାପତି ନାରାୟଣ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଗତବର୍ଷ ଡିସେମ୍ବର ୨୪ରେ ଏନେଇ ନୟାଗଡ଼ ମଣ୍ଡଳ ସହକାରୀ ସମବାୟ ନିବନ୍ଧକଙ୍କୁ ଲିଖିତ ଭାବେ ଆବଶ୍ୟକ ନଥିପତ୍ର ସହିତ ସମ୍ପୃକ୍ତ ସମ୍ପାଦକ ସାହୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହେଲେ ସମ୍ପୃକ୍ତ ଅଧିକାରୀ ଅଭିଯୋଗ ପାଇବାର ଏକ ବର୍ଷ ପୁରିବା ପୂର୍ବରୁ ସମ୍ପୃକ୍ତ ସମିତି ସମ୍ପାଦକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ବନ୍ଧରେ ତଦନ୍ତ କରିବାକୁ ୨ ତାରିଖରେ ୪୦୯ ନମ୍ବର ନୋଟିସ ଜାରି କରିଛନ୍ତି। ଏଥିରେ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ ଓ ଅଭିଯୁକ୍ତ ସମସ୍ତଙ୍କୁ ଆବଶ୍ୟକ ନଥିପତ୍ର ସହିତ ୧୩ ତାରିଖରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି।

## ଦୁର୍ଗାବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା

ଦଶପଲ୍ଲା,୭।୧୨(ଡି.ଏନ.ଏ.)

ବୁଧବାର ଦଶପଲ୍ଲା ଦୁର୍ଗା ବଜାର ବଣିକ ସଂଘର ବୈଠକ ଦୁର୍ଗା ବଜାର କଲୋନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆୟ ବ୍ୟୟ ହିସାବ ହେବା ସହ ଚଳିତ ବର୍ଷର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତାମାନେ ହେଲେ ମନୋଜ କୁମାର ସାହୁ ସଭାପତି, ରତନ କୁମାର ସାହୁ ଉପ ସଭାପତି, ଅଜୟ କୁମାର ପୃଷ୍ଟି ସମ୍ପାଦକ, ଶିବ ପ୍ରସାଦ ସରା ସହ ସଂପାଦକ, ସଜନ କୁମାର ଅଗ୍ରୱାଲ କୋଷାଧ୍ୟକ୍ଷ ,ରଜତ ପୃଷ୍ଟି ସହ କୋଷାଧ୍ୟକ୍ଷ ,ଏଥିସହ ଉପଦେଷ୍ଟା ରୁପେ ଦଣ୍ଡପାଣି ସାହୁ , ଉମାକାନ୍ତ ସାହୁ ,ତାରାକାନ୍ତ ସାହୁ, ସନ୍ତୋଷ ସାହୁ ପୂର୍ଣ୍ଣ ଚନ୍ଦ୍ର ସାହୁ ସମେତ ୮ ଜଣ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ୧୩ ଜଣ ସଦସ୍ୟ ରହିଛନ୍ତି। ମହାସଂଘର ସଭାପତି ଅଲେଖ କୁମାର ସାହୁ ନୂତନ କମକର୍ତ୍ତା ଙ୍କୁ ଶପଥ ପାଠ କରାଇଥିଲେ। ବୈଠକରେ ବଣିକ ସଂଘର ସମସ୍ତ ସଦସ୍ୟ ବୃନ୍ଦ ଯୋଗଦାନ କରିଥିଲେ।


ନୂତନ କମକର୍ତ୍ତାଙ୍କ ସହ ଅତିଥି।

## କଣ୍ଟେଇମୁଣ୍ଡି ବାଇଗଣ ପାଇପାରେ ଜିଆଇ ଟ୍ୟାଗ୍ ମାନ୍ୟତା

ନୟାଗଡ଼ ଅଫିସ,୭।୧୨

■ଜିଆଇ ଟ୍ୟାଗ୍ ଟିମ୍‌ର ଅନୁଧ୍ୟାନ ପରେ ବଢ଼ିଲା ଆଶା
■ଭୁବନେଶ୍ୱରରେ ସମୀକ୍ଷା ଓ ଆଲୋଚନା

ନୟାଗଡ଼ର ସ୍ୱତନ୍ତ୍ର କିସମର କଣ୍ଟାଯୁକ୍ତ କଣ୍ଟେଇମୁଣ୍ଡି ବାଇଗଣକୁ ମିଳିପାରେ ଭୌଗୋଳିକ ସଙ୍କେତ ବା ଜିଓ ଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ ମାନ୍ୟତା। ଭୁବନେଶ୍ୱରର ଏସ୍ଏସ୍‌ଟି ରିସର୍ଚ୍ଚ ସେଣ୍ଟରରେ ମଙ୍ଗଳବାର ଜିଆଇ ଟ୍ୟାଗ ମାନ୍ୟତା ଦେବା ନେଇ ବୈଠକ ହୋଇଥିଲା। ଅନ୍‌ଲାଇନରେ ଜିଆଇ ଟ୍ୟାଗ୍ ମାନ୍ୟତା ବିଭାଗର ୪ଜଣ ଅଧିକାରୀ ଉପସ୍ଥିତ ଥିବାବେଳେ ଓ ଭୁବନେଶ୍ୱରକୁ ୫ଜଣ ଅଧିକାରୀ ଆସିଥିଲେ। ଏଠାକୁ ନୟାଗଡ଼ ଜିଲା ପରି ବିଭିନ୍ନ ଜିଲାର କୃଷି ସମ୍ବନ୍ଧୀୟ ଉପକରଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ଦାବି ଉଠିଥିଲା। ନୟାଗଡ଼ ଜିଲାରୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁଙ୍କ ସମେତ କେତେଜଣ ଅଧିକାରୀ ଓ କଣ୍ଟେଇମୁଣ୍ଡି ବାଇଗଣ କରୁଥିବା ୨ ଚାଷୀ ଯାଇଥିଲେ। ଆମ ଜିଲା ତରଫରୁ କଣ୍ଟେଇମୁଣ୍ଡି ବାଇଗଣ ଉପରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜିଆଇ ଟ୍ୟାଗ କର୍ତ୍ତୃପକ୍ଷ କଣ୍ଟେଇମୁଣ୍ଡି ବାଇଗଣ ଉପରେ ଆଉ କିଛି ତଥ୍ୟ ମାଗିଥିବା ଜଣାପଡିଛି। ପ୍ରକାଶଯେ ଖଣ୍ଡପଡା ବ୍ଲକର କଣ୍ଟିଲୋ ମହାନଦୀ କୂଳେ କୂଳେ କଣ୍ଟେଇମୁଣ୍ଡି ବାଇଗଣ କାହିଁ କେଉଁ କାଳରୁ ଚାଷ ହୋଇ ଆସୁଛି। ଏହା ସ୍ୱାଦିଷ୍ଟ ଥିବାରୁ ବିକ୍ରି ବଢ଼ି ଚାଲିଛି। ପରେ ବଡବାଣପୁର, ପଦ୍ମାବତୀ ଓ ଏହାର ଆଖପାଖ ଅଞ୍ଚଳ ସମେତ ନୟାଗଡ ଜିଲାର ବିଭିନ୍ନ ଗାଁରେ ଏହି ଚାଷ ବଢ଼ିଛି। ଏନେଇ ନୟାଗଡ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ କୁହନ୍ତି କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ଦେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ୩ ବର୍ଷ ତଳେ ପ୍ରୟାସ ଆରମ୍ଭ ହୋଇଥିଲା। ଏନେଇ ତତ୍ କାଳୀନ ଜିଲାପାଳ ପୋମା ଟୁଡୁଙ୍କ ସହ ଆଲୋଚନା କରାଯାଇଥିଲା। ଜିଲାପାଳଙ୍କ ସବୁଜ ସଙ୍କେତ ମିଳିବା ପରେ ଏକ ବୈଠକ କରାଯାଇ ଏଥିରେ ସହମତି ପ୍ରକାଶ ପାଇଥିଲା। ଏପରିକି ଆବଶ୍ୟକୀୟ ଡକ୍ୟୁମେଣ୍ଟସ୍ ପ୍ରସ୍ତୁତ କରାଯାଇ ଓଡିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି)କୁ ଦିଆଯାଇଥିଲା। ଓୟୁଏଟି ପକ୍ଷରୁ ଆବଶ୍ୟକ କାଗଜାତ ଜିଆଇ ଟ୍ୟାଗ କାର୍ଯ୍ୟାଳୟ ଚେନ୍ନାଇକୁ ପଠାଇଥିଲେ। ଏନେଇ ଭୁବନେଶ୍ୱରରେ ମଙ୍ଗଳବାର ସମୀକ୍ଷା ହୋଇଛି ବୋଲି କହିଛନ୍ତି। ଏବେ ପୁଣି କଣ୍ଟେଇମୁଣ୍ଡି ବାଇଗଣ ଉପରେ ଡ୍ୟୁକ୍ୟମେଣ୍ଟାରୀ ଓ ଆନାଲେଶିସ କରାଯାଉଛି ବୋଲି କହିଛନ୍ତି।


ଲକ୍ଷ୍ମୀପ୍ରସାଦ ଗ୍ରାମ ନିକଟ ନଦୀପଠାରୁ ତୋଳାଯାଇଥିବା କଣ୍ଟେଇମୁଣ୍ଡି ବାଇଗଣ।

